୬ ୨୪ରୁ ବିଜୟ ହଜାରେ ଟ୍ରଫି ଟୁର୍ଣ୍ଣାମେଣ୍ଟ
ସୌରାଷ୍ଟ୍ର ବିପକ୍ଷରେ ଅଭିଯାନ ଆରମ୍ଭ କରିବ ଓଡ଼ିଶା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୩୨୫ ● ୨୩ ଡିସେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-325 ● 23rd December 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ହାଇଦ୍ରାବାଦରୁ ଫେରିଲେ ମୁଖ୍ୟମନ୍ତ୍ରୀ

# ଭାରତର ସର୍ବବୃହତ ନିବେଶ କେନ୍ଦ୍ର ହେବ ଓଡ଼ିଶା

**ଭୁବନେଶ୍ୱର, ୨୨।୧୨**
**ନ୍ୟୁଜ୍ ବ୍ୟୁରୋ**

ହାଇଦ୍ରାବାଦରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଓ ରୋଡ ଶୋ'ରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଭାରତର ସର୍ବବୃହତ ନିବେଶ କେନ୍ଦ୍ର ଭାବେ ପ୍ରତିଷ୍ଠା ହାସଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କହିଛନ୍ତି।

ସୋମବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନାଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହାଇଦ୍ରାବଦ ସମ୍ମିଳନୀରୁ ଏହା ସ୍ପଷ୍ଟ ହୋଇଛି ଯେ, ନିବେଶକ ମାନଙ୍କ ଓଡିଶା ପ୍ରତି ଦୃଢ ବିଶ୍ୱାସ ରହିଛି। ଦୁଇଦିନ ଧରି ବିଭିନ୍ନ ଶିଳ୍ପପତି ଓ ନିବେଶକ ମାନଙ୍କ ସହିତ ଆଲୋଚନା କରିବା ପରେ ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ବୋଲି ପ୍ରକାଶ କରି 'ଏହି ଅଭିଜ୍ଞତା ମୋ ପାଇଁ ଖୁବ୍ ସନ୍ତୋଷଜନକ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ଏହି ଦୁଇ ଦିନିଆ ଗସ୍ତରେ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା ପ୍ରସଙ୍ଗରେ ମତଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିଳ୍ପକ୍ଷେତ୍ରରେ ବ୍ୟାପକ ସମ୍ଭାବନା ଠାରୁ ଏହାର ବାସ୍ତବ ରୂପାୟନ ପର୍ଯ୍ୟନ୍ତ ଓଡ଼ିଶାର ଶିଳ୍ପ ଯାତ୍ରା ଆଜି ଖୁବ୍ ମଜଭୁତ୍ ହୋଇଛି। ସେ କହିଥିଲେ ଯେ ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶାର ସଫଳତାର ମୂଳରେ ରହିଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କ ମିଡାସ୍ ଟଚ୍ ବା ଯାଦୁକରୀ ସ୍ପର୍ଶ ହେଉଛି ଶିଳ୍ପାୟନରେ ଆମ ସଫଳ ଯାତ୍ରାର ବାସ୍ତବ ରହସ୍ୟ ।

ସୂଚନାଯୋଗ୍ୟ ଯେ, ଏହି ଗସ୍ତରେ ମୁଖ୍ୟମନ୍ତ୍ରୀ ଏକ ବ୍ୟାପକ ନିବେଶ ଅଭିଯାନର ନେତୃତ୍ୱ ନେଇ ହାଇଦ୍ରାବାଦ୍ ଯାଇଥିଲେ। ଦୁଇ ଦିନ ବ୍ୟାପୀ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ୭୩ଟି ଉଚ୍ଚସ୍ତରୀୟ ବୈଠକ ଏବଂ ୨ଟି କ୍ଷେତ୍ରୀୟ ରାଉଣ୍ଡଟେବୁଲ ଆଲୋଚନା କରିଥିଲେ। ପ୍ରଥମ ରାଉଣ୍ଡଟେବୁଲ ଆଲୋଚନା ଫାର୍ମାସେକ୍ଟର ଉପରେ (ପୃଷ୍ଠା ୭ରେ)

# ନୂଆବର୍ଷରୁ କଡ଼ାକଡ଼ି ହେବ ଯାନବାହନ ଯାଞ୍ଚ

**ଭୁବନେଶ୍ୱର, ୨୨।୧୨**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ଜାନୁଆରୀ ପହିଲାରୁ ରାଜ୍ୟରେ ଯାନବାହନ ଯାଞ୍ଚ କଡ଼ାକଡ଼ି ହେବ। ଏ ନେଇ ସୋମବାର ସୂଚନା ଦେଇଛନ୍ତି ପରିବହନ ଆୟୁକ୍ତ ଅମିତାଭ ଠାକୁର। ସେ କହିଛନ୍ତି ଯେ, ଏମଭିଆଇ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତେ ସଡ଼କ ସୁରକ୍ଷା ନିୟମ ମାନନ୍ତୁ, ଦୁର୍ଘଟଣାକୁ ରୋକି ହେବ।

ସେ ଆହୁରି କହିଛନ୍ତି ଯେ, ସମସ୍ତ ପେଟ୍ରୋଲ ପମ୍ପ ମାଲିକ ଏବଂ ଡିଲରଙ୍କ ସହିତ ଆଲୋଚନା କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି) ସମ୍ପର୍କରେ ପେଟ୍ରୋଲ ପମ୍ପଗୁଡ଼ିକର ଆଉଟଲେଟ୍‌ରେ ଲେଖିବାକୁ କୁହାଯାଇଛି। ପିୟୁସି ପ୍ରମାଣପତ୍ର କରାଇବାକୁ ସେମାନେ ଆଉଟ୍‌ଲେଟରେ ଲେଖିବେ। ଜନସାଧାରଣଙ୍କୁ ପିୟୁସି ପ୍ରମାଣପତ୍ର ବାହାର କରିବା ପାଇଁ ସମୟ ଦିଆଯିବ। ସମସ୍ତେ ଏହି ପ୍ରମାଣପତ୍ର କରିନିଅନ୍ତୁ ବୋଲି ପରିବହନ କମିଶନର ଅନୁରୋଧ କରିଛନ୍ତି।



# ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଏଫ୍‌ଟିଏ ଘୋଷଣା, ୨୦ ନିୟୁତ ଡଲାରର ନିବେଶ

**ନୂଆଦିଲ୍ଲୀ, ୨୨।୧୨**

ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଭାରତ ଆଉ ଏକ ବଡ଼ କୂଟନୈତିକ ସଫଳତା ହାସଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ଏକ ଟେଲିଫୋନ ବାର୍ତ୍ତାଳାପ ସମୟରେ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମିଳିତ ଭାବରେ ଘୋଷଣା କରାଯାଇଥିଲା। ଏହି ଚୁକ୍ତିନାମା କେବଳ ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଉନ୍ନତ କରିବ ନାହିଁ ବରଂ ସୁରକ୍ଷାବାଦୀ ଆମେରିକା ବାଣିଜ୍ୟ ନୀତି ସାମ୍ନାରେ ଭାରତର ବିକଳ୍ପ ବିଶ୍ୱ ସହଭାଗୀତାକୁ ମଧ୍ୟ ମଜଭୁତ କରିବ।

ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ମାର୍ଚ୍ଚ ୨୦୨୫ ରେ ଆରମ୍ଭ ହୋଇଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ଲକ୍ସନ ଭାରତ ଗସ୍ତ କରିଥିଲେ। ମାତ୍ର ନଅ ମାସର ରେକର୍ଡ ସମୟ ମଧ୍ୟରେ ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମାପ୍ତ ହେବ । ଦୁଇ ଦେଶ ମଧ୍ୟରେ ରାଜନୈତିକ ଇଚ୍ଛାଶକ୍ତି ଏବଂ ରଣନୈତିକ ବୁଝାମଣାକୁ ଦର୍ଶାଏ।

ଦୁଇ ନେତା ସହମତ ହୋଇଥିଲେ ଯେ ଏଫ୍‌ଟିଏ କାର୍ଯ୍ୟକାରୀ ହେବା ପରେ, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବିଦ୍ୟମାନ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବ । ଏହା ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ବାଣିଜ୍ୟ, ନିବେଶ, ନବସୃଜନ ଏବଂ ଯୋଗାଣ ଶୃଙ୍ଖଳା ସହଯୋଗକୁ ନୂତନ ପ୍ରେରଣା ପ୍ରଦାନ କରିବ।

ଏହି ଚୁକ୍ତି ଅନୁଯାୟୀ, ନ୍ୟୁଜିଲ୍ୟାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୨୦ ନିୟୁତ ଡଲାର ନିବେଶ କରିବ। ଏହି ନିବେଶ କୃଷି, ଦୁଗ୍ଧ, ଖାଦ୍ୟ ପ୍ରକ୍ରିୟାକରଣ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟଅପ୍ ଭଳି କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବ।



ନ୍ୟୁଜିଲ୍ୟାଣ୍ଡ ସହିତ ଏହି ଚୁକ୍ତି ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତର ସପ୍ତମ ପ୍ରମୁଖ ଏଫ୍‌ଟିଏ। ପୂର୍ବରୁ, ଭାରତ ଓମାନ, ୟୁଏଇ, ୟୁକେ, ଅଷ୍ଟ୍ରେଲିଆ, ମରିସସ୍ ଦେଶଗୁଡ଼ିକ ସହିତ ସମାନ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଶୃଙ୍ଖଳା ଏକ ନିର୍ଭରଯୋଗ୍ୟ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭାବରେ ଭାରତର ଦ୍ରୁତ ଉଦୟକୁ ଦର୍ଶାଏ।

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯେତେବେଳେ ଆମେରିକା, (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଉତ୍ତର ଭାରତରେ ଘନ କୁହୁଡ଼ିର ପ୍ରଭାବ, ବିମାନ ଓ ଟ୍ରେନ ସେବା ବାଧାପ୍ରାପ୍ତ।
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆସାମରେ ବଡ଼ ବିକାଶ ପ୍ରକଳ୍ପ ଉଦଘାଟିତ।
- ପ୍ରଦୂଷଣ ଓ ଇନ୍ଧନ ନିୟମ ନେଇ କେନ୍ଦ୍ର ସରକାରଙ୍କ ସମୀକ୍ଷା ଆରମ୍ଭ।
- ମହିଳା କ୍ରିକେଟ ଦଳର ଶାନଦାର ପ୍ରଦର୍ଶନ, ଦେଶବ୍ୟାପୀ ପ୍ରଶଂସା।
- ଦୁର୍ନୀତି ମାମଲାରେ ତଦନ୍ତ ଏଜେନ୍ସିର କଡ଼ା କାର୍ଯ୍ୟାନୁଷ୍ଠାନ।
- ସର୍ବନିମ୍ନ ସମର୍ଥନ ମୂଲ୍ୟ ଦାବିକୁ ନେଇ ଚାଷୀ ଆନ୍ଦୋଳନ।
- ଗଞ୍ଜାମରେ ସଡ଼କ ଦୁର୍ଘଟଣାରେ ଏକ ଛାତ୍ରଙ୍କ ଜୀବନ ଗଲା।
- ରୋଗୀ ମୃତ୍ୟୁ ପରେ ବ୍ରହ୍ମପୁରରେ ବେସରକାରୀ ହସ୍ପିଟାଲ ସିଲ୍।
- ହାତୀ-ମଣିଷ ଲଢ଼େଇ : ୩୫ ମାସରେ ଭାଙ୍ଗିଛି ୫୦୯ ଘର।
- ବ୍ରାହ୍ମଣୀ ନଦୀରେ ବୁଡ଼ି ଦମ୍ପତିଙ୍କ ମୃତ୍ୟୁ।

## ଅଦିନିଆ ରଥଯାତ୍ରା ପ୍ରସଙ୍ଗ

# ପିଏମ୍‌ଓକୁ ଅବଗତ କରାଇଛନ୍ତି ଗଜପତି ମହାରାଜା

**ପୁରୀ, ୨୨।୧୨ : ନ୍ୟୁଜ୍ ବ୍ୟୁରୋ**

ବିଦେଶରେ ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ଅବଗତ କରାଇଛନ୍ତି। ଶାସ୍ତ୍ର ମତ ଅନୁଯାୟୀ ରଥଯାତ୍ରା ପାଳନ ହେବା ଉଚିତ । ଅଦିନିଆ ରଥଯାତ୍ରା, ଜଗନ୍ନାଥ ଧାମକୁ ନେଇ ବ୍ୟତିକ୍ରମ ହେଉଥିବା କହିଛନ୍ତି ପୁରୀ ଗଜପତି ମହାରାଜା । ସେ କହିଛନ୍ତି ରଥଯାତ୍ରାକୁ ନେଇ ଅପପ୍ରଚାର କରାଯାଉଛି । ଏବେ ଆଚାର୍ଯ୍ୟ ମାନଙ୍କ ମତ ଗ୍ରହଣ କରିବାର ସମୟ ଆସିଛି। ଯଦି ଆଚାର୍ଯ୍ୟ ଓ ଭକ୍ତମାନେ ଚୁପ୍ ରହିବେ ତେବେ ଇସ୍କନ ମନଇଚ୍ଛା ଅଦିନିଆ ରଥଯାତ୍ରା କରିବେ । ଇସ୍କନ ଠାରୁ ସମସ୍ତେ ଦେଖି ଅଦିନିଆ ରଥଯାତ୍ରା କରୁଛନ୍ତି । ଇସ୍କନର ଏଭଳି ନିଷ୍ପତ୍ତିକୁ ଆମେ ମାନିବୁ ନାହିଁ ବୋଲି କହିଛନ୍ତି ଗଜପତି ମହାରାଜା ।



ଇସ୍କନ ସହ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆଲୋଚନା ଉଦ୍ୟମ ବିଫଳ ହୋଇଛି । ଭାରତ ବାହାରେ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ କେହି ନାହାନ୍ତି । ଆମର ଓଡିଆ ଭାଇମାନେ ଅଦିନିଆ ରଥଯାତ୍ରାରେ ଅଂଶଗ୍ରହଣ କରିବା ସହ ଦକ୍ଷିଣା ଦେଉଛନ୍ତି । ଆଗକୁ ଅଦିନିଆ ରଥଯାତ୍ରା ଏକ ପରମ୍ପରାରେ ପରିଣତ ହୋଇଯିବ ବୋଲି କହି ସେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ।

# ୟୁଜିସି ନେଟ୍ ପ୍ରଶ୍ନପତ୍ର ଲିକ୍

**ଭୁବନେଶ୍ୱର, ୨୨।୧୨**
**ନ୍ୟୁଜ୍ ବ୍ୟୁରୋ**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଜାତୀୟ ଯୋଗ୍ୟତା ପରୀକ୍ଷା(ନେଟ୍) ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଛି। ହରିୟାଣାର ସୋନିପତରେ ଏହି ଘଟଣା ସାମ୍ନାକୁ ଆସିଛି। ଜାତୀୟ ପରୀକ୍ଷା ସଂସ୍ଥା(ଏନଟିଏ) ଦ୍ୱାରା ଗତ ୧୮ ତାରିଖରେ ସିଏସଆଇଆର ୟୁଜିସି ନେଟ୍ ୨୦୨୫ ପରୀକ୍ଷା ଆୟୋଜିତ ହୋଇଥିଲା। ତେବେ ଏହାର ଦିନକ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଛି।

ରିପୋର୍ଟ ଅନୁସାରେ, ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୀରଜ ଧନକଡ଼ ଏବଂ ସଚିନ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ କରି ଛାତ୍ରଛାତ୍ରୀଙ୍କୁ ଆଗୁଆ କୋଚିଂ ଦିଆଯାଉଥିଲା। ସୋନିପତର ଏକ କୋଠାରେ ୩୭ ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଉପରେ ଅଭ୍ୟାସ କରାଯାଇଥିଲା। ପ୍ରତି ଛାତ୍ରଛାତ୍ରୀ ପ୍ରଶ୍ନପତ୍ର ପାଇଁ ୩ରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେଇଥିବା ଜଣାପଡ଼ିଛି। ତେବେ ହରିୟାଣା ସରକାରଙ୍କ ତରଫରୁ ବର୍ତ୍ତମାନ ସୁଦ୍ଧା କୌଣସି ମନ୍ତବ୍ୟ ଦିଆଯାଇ ନାହିଁ।

ଅନ୍ୟପଟେ ଏହି ଘଟଣାକୁ ନେଇ କଂଗ୍ରେସ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛି। ପ୍ରଶ୍ନପତ୍ର ପ୍ରଘଟ ରୋକିବାରେ ହରିୟାଣା ବିଜେପି ସରକାର ପୁନର୍ବାର ବିଫଳ ହୋଇଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

# ବାଂଲାଦେଶରେ ଥମୁନି ହିଂସା: ଆଉ ଜଣେ ନେତାଙ୍କୁ ଗୁଳି

**ଢାକା, ୨୨।୧୨**

ବାଂଲାଦେଶରେ ଥମୁନି ହିଂସା। ଯୁବନେତା ଶରିଫ ଓସମାନ ବିନ୍ ହାଦୀଙ୍କୁ ହତ୍ୟା କରାଯିବା ପରେ ଦେଶରେ ହିଂସା ଉଗ୍ର ରୂପ ଧାରଣ କରିଥିବାବେଳେ ସୋମବାର ଆଉ ଜଣେ ନେତାଙ୍କୁ ଗୁଳି କରାଯାଇଛି। ସେହି ନେତା ଜଣକ ହେଉଛନ୍ତି ମହମ୍ମଦ ମୋତାଲେବ ସିକ୍‌ଦାର। ସେ ବାଂଲାଦେଶ ନ୍ୟାସନାଲ ସିଟିଜେନ୍ ପାର୍ଟି(ବିଏନସିପି)ର ଖୁଲନା ଡିଭିଜନାଲ ମୁଖ୍ୟ। ତାଙ୍କ ମୁଣ୍ଡରେ ଗୁଳି ବାଜିଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଖୁଲନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ବାଂଲାଦେଶର ସୋନାଦଙ୍ଗା ଅଞ୍ଚଳର ଶେକପଡ଼ା ପଲ୍ଲୀରେ ୪୨ ବର୍ଷୀୟ ସିକ୍‌ଦାର ରୁହନ୍ତି। ସେ ଦଳର ଶ୍ରମିକ ଶାଖାର କେନ୍ଦ୍ରୀୟ ସଂଗଠକ। ସୋମବାର ତାଙ୍କୁ କେହି ଦୁର୍ବୃତ୍ତ ଗୁଳି କରିଥିବା ନେଇ ଦଳର ଯୁଗ୍ମ ପ୍ରମୁଖ ସଂଯୋଜକ ମହମୁଦା ମିଟୁ ଫେସବୁକରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ସିକଦାର ଏକ ରାଲି ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଏହି ଘଟଣା ଘଟିଛି।



ସୋନାଦଙ୍ଗା ଥାନା ଅଧିକାରୀ ଅନିମେଶ ମଣ୍ଡଳ କହିଛନ୍ତି ଯେ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ଗାଜି ମେଡିକାଲ କଲେଜ ନିକଟରେ ଦୁର୍ବୃତ୍ତମାନେ ସିକ୍‌ଦାରଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି କରିଥିଲେ। ତେବେ ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି।

# ଏସ୍‌ଆଇ ଚାକିରୀ ସ୍କାମ୍ : କୋର୍ଟରେ ହାଜର ହେଲା ମୁଖ୍ୟ ଅଭିଯୁକ୍ତ

**ଭୁବନେଶ୍ୱର, ୨୨।୧୨**
**ନ୍ୟୁଜ୍ ବ୍ୟୁରୋ**

ପୋଲିସ ଏସଆଇ ଚାକିରୀ କେଳେଙ୍କାରୀ ମାମଲାରେ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିକୁ ସୋମବାର ପୁଣି ଥରେ କୋର୍ଟରେ ହାଜର କରାଯାଇଛି। କୋର୍ଟ ରେ ହାଜର ବେଳେ ଗଣମାଧ୍ୟମକୁ ଶଙ୍କର ପୃଷ୍ଟି କହିଛନ୍ତି ସିବିଆଇକୁ ସବୁ ତଥ୍ୟ ଦେଇଛି, ତାଙ୍କୁ ପଚାର । ଅଭିଯୁକ୍ତ ଶଙ୍କର ଓ ସୁରେଶ, ସାଗରର ୪ଦିନିଆ ରିମାଣ୍ଡ ଅବଧି ଶେଷ ହେବା ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ସିବିଆଇ ଆଉ ଜଣେ ଅଭିଯୁକ୍ତ ଆନ୍ତରାଜ୍ୟ ଦଲାଲ ଅମିତ ଭାରତୀଙ୍କୁ ବିହାରରୁ ଗିରଫ କରିଛି ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୧୫ (+୧୯୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୪୮୦ (+୧୮୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୧୧ (+୧୪୭)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୧ (+୫)

## ଏକାଳ ପଖାଳ



ରାଇଜରେ ବାୟୁ ହାଲତ ଏମିତି
କହି ନହୁଏ କି ସହି ନହୁଏ
ଦିଲ୍ଲୀ ସହ ବୋଧେ ପ୍ରତିଯୋଗୀତାରେ
ପ୍ରଦୂଷଣ ଟ୍ରଫି ଜିତିବ ଇଏ
ଏଥିପାଇଁ ଭାଇ ଦାୟୀଟା କିଏ
କଳକାରଖାନା ଗଢି ଜଙ୍ଗଲ ଉଜାଡି
ତୁଚ୍ଛା ବିକାଶରେ ମଣିଷ ଧାଏଁ।

# ପ୍ରଦୂଷଣ ସାଙ୍ଗକୁ ଦିଲ୍ଲୀରେ କଲବଲ କରୁଛି ଘନ କୁହୁଡ଼ି



**ନୂଆଦିଲ୍ଲୀ, ୨୨।୧୨**

ଦିଲ୍ଲୀରେ ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ ଦୂରତା ହ୍ରାସ ଫଳରେ ସୋମବାର ୧୦ଟି ବିମାନ ଉଡାଣ ବାତିଲ କରାଯାଇଥିବା ବେଳେ ୧୫୦ରୁ ଅଧିକ ବିମାନର ଉଡ଼ାଣ ବିଳମ୍ବିତ ହୋଇଛି । ଟ୍ରେନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି । ପ୍ରବଳ ଶୀତ ଲହରୀ ସହିତ ବାୟୁ ପ୍ରଦୂଷଣ ମଧ୍ୟ ପାଲଟିଛି ଚିନ୍ତାର କାରଣ । ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ସାମଗ୍ରିକ ବାୟୁ ଗୁଣବତ୍ତା ଅତି ଖରାପ ସ୍ତରରେ ରହିଛି । ମଙ୍ଗଳବାର ପର୍ଯ୍ୟନ୍ତ ଦିଲ୍ଲୀ ସମେତ ଉତ୍ତର ଭାରତରେ ରାତି ଓ ସକାଳେ ଘନ କୁହୁଡ଼ି ପଡ଼ିପାରେ ବୋଲି ସତର୍କ କରାଇ ଦେଇଛି ଭାରତୀୟ ପାଣିପାଗ ବିଭାଗ । ଦିଲ୍ଲୀ ସମେତ ହରିୟାଣା, ପଞ୍ଜାବ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରେ ପ୍ରବଳ ଶୀତ ଅନୁଭୂତ ହେଉଛି ।

ଦିଲ୍ଲୀରୁ ମୁମ୍ବାଇ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନରେ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ସତ୍ତ୍ୱେ ଏହା ଅଳ୍ପକେ ବର୍ତ୍ତି ଯାଇଛି। ବିମାନଟି ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଏହାର ଇଞ୍ଜିନରେ ତେଲ ଚାପ ହ୍ରାସ ପାଇ ଶୂନ ହୋଇଯାଇଥିଲା। ବିପଦକୁ ଆଖିରେ ରଖି ପାଇଲଟ୍ ତୁରନ୍ତ ବିମାନଟିକୁ ଦିଲ୍ଲୀକୁ ଫେରାଇ ଆଣିବା (ପୃଷ୍ଠା ୭ରେ)

# ବଡ଼ଦିନ ଠାରୁ ବଢ଼ିବ ଶୀତ

**ଭୁବନେଶ୍ୱର, ୨୨।୧୨**
**ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ପାଣିପାଗ ବିଭାଗର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୫ ତାରିଖ ବଡ଼ଦିନ ଠାରୁ ରାଜ୍ୟରେ ଶୀତ ଲହରୀ ଅଧିକ ହେବ। ଆଗାମୀ ଦିନରେ ଘନ କୁହୁଡ଼ି ଲାଗି ରହିବ, ଯାହା ଦୃଶ୍ୟମାନତା, ପରିବହନ ସେବା ଏବଂ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ।

ବଡ଼ଦିନ ପରଠାରୁ ସାରା ଓଡ଼ିଶାରେ ଥଣ୍ଡା ଆହୁରି ବଢ଼ିବାର ସମ୍ଭାବନା ରହିଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ଡିସେମ୍ବର ୨୫ ତାରିଖରୁ ପୁଣି ଥରେ ଥଣ୍ଡା ବଢ଼ିବ ବୋଲି ପୂର୍ବାନୁମାନ କରିଛି।



ଉତ୍ତର-ପଶ୍ଚିମ ପବନର ଥଣ୍ଡା ପ୍ରବାହ ବୃଦ୍ଧି ଯୋଗୁ ଶୀତ ଲହରୀ ଆହୁରି ଅଧିକ ହେବାର ପୂର୍ବାନୁମାନ କରାଯାଉଛି। ପାଣିପାଗ ବିଜ୍ଞାନୀମାନେ ପଶ୍ଚିମ ବାତ୍ୟାର ପ୍ରସ୍ଥାନ ପ୍ରଭାବକୁ ତାପମାତ୍ରାରେ ହ୍ରାସ ପାଇଁ ଦାୟୀ କରିଛନ୍ତି, ଯାହା ଫଳରେ ସାରା ରାଜ୍ୟରେ ରାତିର ତାପମାତ୍ରା ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି।

ଓଡ଼ିଶାର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ସହିତ ପ୍ରବଳ ଥଣ୍ଡା ପରିସ୍ଥିତି ଜାରି ରହିଛି।





# ଭିଜିଲାନ୍ସ କୋର୍ଟରେ ହାଜର ହେଲେ ଫରେଷ୍ଟ ରେଞ୍ଜର ରାଜେନ୍ଦ୍ର କୁମାର



**କଟକ, ନ୍ୟୁଜ୍ ବ୍ୟୁରୋ**

ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଗତସିଂହପୁର ରାହାମା ଫରେଷ୍ଟ ରେଞ୍ଜର ରାଜେନ୍ଦ୍ର କୁମାର ସାମନ୍ତରାୟ ଗିରଫ ହୋଇଛନ୍ତି। ପରେ ତାଙ୍କୁ କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରେଞ୍ଜରଙ୍କୁ ଗିରଫ କରିଛି ଭିଜିଲାନ୍ସ। ଶନିବାର ଦିନ ରେଞ୍ଜରଙ୍କ ୪ଟି ଠିକଣାରେ ରେଡ୍ କରିଥିଲା ଭିଜିଲାନ୍ସ । ଚଢଉ ବେଳେ ୨୫୦ ଗ୍ରାମ ସୁନା ଏବଂ ନଗଦ ୩ ଲକ୍ଷ ୬୯ ହଜାର ଟଙ୍କା ଜବତ କରାଯାଇଥିଲା। ୮୦ ଲକ୍ଷ ୬୮ ହଜାର ଟଙ୍କାର ବ୍ୟାଙ୍କ ଜମା ଠାବ ହୋଇଛି। ଗୋଟିଏ ବହୁତଳ ପ୍ରସାଦ କୋଠା, ଗୋଟିଏ ଦି ତାଲା ବିଲ୍ଡିଂ ସହ ତାଙ୍କର ମୂଲ୍ୟବାନ ୫ଟି ପ୍ଲଟ୍ ରହିଛି। ଜଗତସିଂହପୁର ସଦର ଥାନା ଚାଟରା ସ୍ଥିତ ବାସ ଭବନ, ସରକାରୀ କାର୍ଯ୍ୟାଳୟ, ସରକାରୀ ବାସ ଭବନ, ସାମନ୍ତରାୟପୁର ଗାଁ ସ୍ଥିତ ପୈତୃକ ଘର ଆଦି ୪ଟି ସ୍ଥାନରେ ଏକା ସାଙ୍ଗେ ରେଡ୍ କରିଥିଲା ଭିଜିଲାନ୍ସ। ମୋଟ୍ ସ୍ଥାବର, ଅସ୍ଥାବର ସମ୍ପତି ମୂଲ୍ୟ ପାୟ ୩ କୋଟି ଟଙ୍କାରୁ ଅଧିକ ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ୧୯୮୫ ନଭେମ୍ବର ୨୬ରେ ୧୫୦୦ ଟଙ୍କା ଦରମାରେ ଫରେଷ୍ଟର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ ରାଜେନ୍ଦ୍ର।

# ମଣ୍ଡି ମାଧ୍ୟମରେ ହରଡ଼ ଓ ମାଣ୍ଡିଆ ଖର୍ଦ୍ଦି କରାଯିବ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି ବିଭାଗ ପକ୍ଷରୁ ମଣ୍ଡିରେ ହରଡ ଓ ମାଣ୍ଡିଆ ବିକ୍ରି ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ମାର୍ଶାଘାଇ ପ୍ୟାକ୍ସରେ ହରଡ ମଣ୍ଡି ଓ କେନ୍ଦ୍ରାପଡାର ଜମଧର ଓ ଡେରାବିଶର ବାଲିଆ ଠାରେ ମାଣ୍ଡିଆ ମଣ୍ଡି ଖୋଲାଯିବାର ବ୍ୟବସ୍ଥା କରାଯାଇଛି । ଚାଷୀ କିଭଳି ସୁଲଭ ମୂଲ୍ୟରେ ନିଜର ହରଡ ଓ ମାଣ୍ଡିଆ ବିକ୍ରି କରିପାରିବେ ସେ ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା କରାଯାଇଛି । ଚଳିତ ମାସ ୩୧ ସୁଦ୍ଧା ପ୍ରଚାର ପ୍ରସାର ଦ୍ୱାରା ସମସ୍ତ ଚାଷୀଙ୍କୁ ସୂଚନା ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଛି । ହରଡ କେଜି ପ୍ରତି ୮୦ ଟଙ୍କା ଓ ମାଣ୍ଡିଆ କେଜି ପ୍ରତି ୪୮ ଟଙ୍କା ୮୬ ପଇସା ଧାର୍ଯ୍ୟ କରାଯାଇଛି । ଆୟୋଜିତ ଏହି ବୈଠକରେ ଏଡିଓ ମାର୍ଶଘାଇ, ସହକାରୀ କୃଷି ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଗରଦପୁରର ମଣ୍ଡଳ କୃଷି ଅଧିକାରୀ, ଏଆର୍‌ସିଏସ୍, ଡିଡବ୍ଲୁଓ, ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସମେତ ୨ଟି ଚାଷୀ ଉତ୍ପାଦକ ସଂସ୍ଥା ତଥା ଶାନ୍ତି ମୈତ୍ରୀର ଭଗବାନ ଜେନା ଉପସ୍ଥିତ ଥିଲେ।

# ବେଳାଭୂମି ମହୋତ୍ସବ ବନ୍ଦ:ଅଟକିଲା ଇକୋ ରିଟ୍ରିଟ୍ କାର୍ଯ୍ୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗୋପାଳପୁରର ବିକାଶରେ ଯେମିତି ବର୍ତ୍ତମାନ ଥୁକୁଲ ପଡ଼ିଯାଇଛି । କୌଣସି ନୂତନ ପ୍ରକଳ୍ପ କାର୍ଯ୍ୟ ହାତକୁ ନେବା ତ ଦୂରରର କଥା ପୂର୍ବରୁ ଜାରି ରହିଥିବା କାର୍ଯ୍ୟ ମଧ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଛି । ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସାଙ୍ଗକୁ ଅଦୃଶ୍ୟ ରାଜନୈତିକ ଚାପକୁ ଦାୟୀ କରାଯାଇଛି । ଗଞ୍ଜାମ ଜିଲ୍ଲା ହୋଟେଲ୍ ମାଲିକ ସଂଘ ପକ୍ଷରୁ ୧୯୯୭ ମସିହାରୁ ଆରମ୍ଭ ହୋଇ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ବର୍ତ୍ତମାନ ନିଜର ସତ୍ତା ଖୋଜିବାକୁ ବସିଛି । ପ୍ରତିବର୍ଷ ଡ଼ିସେମ୍ବର ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ବ୍ୟାପୀ ବେଳାଭୂମିରେ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେଉଥିଲା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କଳାକାରମାନଙ୍କ କାର୍ଯ୍ୟକ୍ରମ । ଯାହା ସମଗ୍ର ଦେଶରୁ ତଥା ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା । ୨୦୧ସ୫ ମସିହାରୁ ଜିଲ୍ଲା ପ୍ରଶାସନ ମହୋତ୍ସବ ଆୟୋଜନ କରିଆସୁଛି । ତେବେ ଏହି ଆନ୍ତର୍ଜାତୀୟ ସ୍ତରୀୟ ମହୋତ୍ସବ ଆୟୋଜନକୁ ନେଇ ଗତ କିଛି ବର୍ଷ ହେଲା ଅନିଶ୍ଚିତତା ଲାଗି ରହିଛି । ଗତ ବର୍ଷ ଏହା ଆୟୋଜିତ ହୋଇନଥିବା ବେଳେ ଚଳିତ ବର୍ଷ ମଧ୍ୟ ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରସ୍ତୁତି ବୈଠକ ମଧ୍ୟ ବସିନାହିଁ । ଫଳରେ ହାତରେ ଖୁବ୍ କମ୍ ଦିନ ଥିବାରୁ ଏହା ଆୟୋଜନ ସମ୍ଭବପର ମଧ୍ୟ ନୁହେଁ । କେବଳ ବେଳାଭୂମି ମହୋତ୍ସବ ନୁହଁ ବରଂ ୮ କୋଟି ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଗୋପାଳପୁର ଇକୋ ରିଟ୍ରିଟ୍ କାର୍ଯ୍ୟକ୍ଷମ ନହୋଇ ପଡ଼ିରହିଛି । ଏହାକୁ ସଚଳ କରିବାକୁ ଯାଇ ନିକଟରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେଇ ଟେଣ୍ଡର ଆହ୍ୱାନ୍ କରାଯାଇଥିଲା । ୪ ଜଣ ଆଗ୍ରହୀ ସଂସ୍ଥା ଟେଣ୍ଡର ପ୍ରକ୍ରିୟାରେ ସାମିଲ୍ ହୋଇଥିବା ବେଳେ ସେଥିମଧ୍ୟରୁ ଜଣେ ଟେକ୍ନିକାଲ୍ ତ୍ରୁଟି କାରଣରୁ ବାଦ୍ ପଡ଼ିଥିଲେ। ଅବଶିଷ୍ଟ ୩ ଜଣ ବିଡ଼ର ମଧ୍ୟରୁ ଏଲ୍-୧ ବିଡ଼ର ବାର୍ଷିକ ୯୦ ଲକ୍ଷ ଟଙ୍କାରେ ଇକୋ ରିଟ୍ରିଟ୍‌କୁ ହାତକୁ ନେଇ କାର୍ଯ୍ୟକ୍ଷମ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ତେବେ କୌଣସି କାରଣରୁ ଉକ୍ତ ଟେଣ୍ଡରକୁ କାର୍ଯ୍ୟକାରୀ କରାଯାଇପାରୁନଥିବା ଜଣାପଡ଼ିଛି । ସେହିଭଳି ପୂର୍ବରୁ ମଧ୍ୟ ଗୋପାଳପୁର ବେଳାଭୂମିର ପାର୍କିଂ ଟେଣ୍ଡରକୁ ନେଇ ଏକା ସମସ୍ୟା ଉପୁଜିଥିଲା । ଦଳୀୟ ଲୋକଙ୍କୁ ଟେଣ୍ଡର ଦେବାକୁ ଏହିସବୁ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଉଥିବା ଜଣାପଡ଼ିଥିଲା । ଗଞ୍ଜାମ ଜିଲ୍ଲାରେ ଆମୋଦ ପ୍ରମୋଦ ପାଇଁ ସେଭଳି କିଛି ପ୍ରକୃଷ୍ଟ ସ୍ଥାନ ବା ବ୍ୟବସ୍ଥା ନଥିବା ବେଳେ ବେଳାଭୂମିରେ ଆୟୋଜିତ ହେଉଥିବା ମହୋତ୍ସବକୁ ସମସ୍ତେ ଅପେକ୍ଷା କରିଥାନ୍ତି । ସେହିଭଳି ଏହି ମହୋତ୍ସବ ଜରିଆରେ ହୋଟେଲ୍ ବ୍ୟବସାୟ ସହିତ ଅଞ୍ଚଳବାସୀ ମଧ୍ୟ ବେଶ୍ ଦୁଇ ପଇସା ରୋଜଗାର କରିବାର ସୁଯୋଗ ପାଉଥିଲେ । ବର୍ତମାନ ତାହାକୁ ଉଦ୍ଦେଶ୍ୟମୂଳକ ଭାବେ କିଛି ବ୍ୟକ୍ତି ବିଶେଷ ନିଜର ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଏଭଳି କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ଅସନ୍ତୋଷ କୁହୁଳିବାରେ ଲାଗିଛି ।

# ଯାଜପୁର-କେନ୍ଦୁଝର ରୋଡ଼ ରେଳ ଷ୍ଟେସନ୍‌ର ନାମ ପରିବର୍ତ୍ତନ ପାଇଁ ଦାବି

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲାର ଯାଜପୁର କେନ୍ଦୁଝର ରୋଡ଼ ରେଳ ଷ୍ଟେସନ୍ ପରାମର୍ଶଦାତା କମିଟର ପ୍ରଥମ ବୈଠକ ରେଳ ଷ୍ଟେସନ୍ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଷ୍ଟେସନ୍ ମ୍ୟାନେଜର ସୁଧୀର ଶୁଭଦର୍ଶୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ବାଣିଜ୍ୟିକ ଇନ୍ସପେକ୍ଟର ଦେବବ୍ରତ ନାୟକ, ଆର୍‌ପିଏଫ୍ ଇନ୍ସପେକ୍ଟର କ୍ଷୀରସାଗର ଭଞ୍ଜ, ଜିଆର୍‌ପି ଇନ୍‌ଚାର୍ଜ ସୁଶାନ୍ତ କୁମାର ସେଠି, ମୁଖ୍ୟ ଟିଟିଆଇ ଅକ୍ଷୟ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ପ୍ରସାଦ ସ୍ୱାଇଁ, ଅଜୟ କୁମାର ଗିରି ପ୍ରମୁଖ ରେଳବାଇ ପକ୍ଷରୁ ଉପସ୍ଥିତ ଥିଲେ। କମିଟି ସଦସ୍ୟ ସଦାଶିବ ଦାସ, ଡ଼. ଚିନ୍ତାମଣି ପାଢ଼ୀ, ହିମାଂଶୁ ଶେଖର ଦ୍ୱିବେଦୀ, ସରୋଜିନୀ ସେଠି, ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ରେଳ ଷ୍ଟେସନ୍‌ର ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ଷ୍ଟେସନ ନାମ ପରିବର୍ତ୍ତନ, ଏହି ବାଟ ଦେଇ ଯାଉଥିବା ସମସ୍ତ ଟ୍ରେନର ରହଣି, କେନ୍ଦୁଝର ଟ୍ରେନକୁ ଯଖପୁରାରୁ ଏହି ଷ୍ଟେସନ୍ ପର୍ଯ୍ୟନ୍ତ ବୃଦ୍ଧି, ପ୍ରଥମ ଫୁଟ୍ ଓଭର୍ ବ୍ରିଜ୍ ପାଖରେ ଲିଫ୍ଟ ନିର୍ମାଣ, ଷ୍ଟେସନ୍ ସମ୍ମୁଖରେ ଏକ ବୃହତ ଡିଜିଟାଲ୍ ଘଣ୍ଟା ସ୍ଥାପନ, ମାଲ୍‌ଗୋଦାମ୍ ସ୍ଥାନାନ୍ତର, ୬ ନମ୍ବର ପ୍ଲାଟ୍‌ଫର୍ମ ନିର୍ମାଣ ଓ ଏଠାରେ ଟିକେଟ କାଉଣ୍ଟର ସ୍ଥାପନ, ଦୁଇ ଚକିଆ ଚାରି ଚକିଆ ପାର୍କିଙ୍ଗ ନିର୍ମାଣ, ତୃତୀୟ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ ସମେତ ବିଭିନ୍ନ ପ୍ରସ୍ତାବ କମିଟି ମେମ୍ବର ମାନେ ଉପସ୍ଥାପନା କରିଥିଲେ। ଷ୍ଟେସନ୍ ମ୍ୟାନେଜର ଉକ୍ତ ପ୍ରସ୍ତାବ ଗୁଡିକ ଲିପିବଦ୍ଧ କରି ଖୋର୍ଦ୍ଧା ରେଳ ଡିଭିଜନ୍‌କୁ ବିଧିବଦ୍ଧ ଭାବେ ପଠାଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପ୍ରତିଶୃତି ଦେଇଥିଲେ।




# ଜେ.କେ. ପେପର ମିଲ୍‌ର ପ୍ରତିଷ୍ଠା ଦିବସ ପାଳିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଜେକେପୁର ଠାରେ ଅବସ୍ଥିତ ଜେ.କେ. ପେପର ମିଲ୍‌ର ପ୍ରତିଷ୍ଠା ଦିବସ ଅବସରରେ କାରଖାନା ପରିସରରେ ଉତ୍ସାହପୂର୍ଣ୍ଣ ପରିବେଶ ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଶିଳ୍ପ ଉନ୍ନତି ସହ ସାମାଜିକ ଦାୟିତ୍ୱର ବାର୍ତ୍ତା ପ୍ରଚାର କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ କାରଖାନାର ବରିଷ୍ଠ ଅଧିକାରୀମାନେ ଜେ.କେ. ପେପର ମିଲ୍‌ର ଐତିହାସିକ ଯାତ୍ରା, ଉତ୍ପାଦନ କ୍ଷମତା ଓ ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଦେଶର କାଗଜ ଶିଳ୍ପରେ ଜେ.କେ. ପେପର ମିଲ୍‌ର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ମଚାରୀ ଓ ଶ୍ରମିକମାନଙ୍କ ଅବଦାନକୁ ସ୍ୱୀକୃତି ଦିଆଯାଇ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ କିଛି କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସେଥିସହ ଶିଳ୍ପ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ଗୁଣାତ୍ମକ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜେ.କେ. ପେପର ମିଲ୍ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଗଛରୋପଣ ଭଳି ଉନ୍ନତ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ବିକାଶରେ ଲଗାତାର ଅବଦାନ ରହିଆସୁଥିବା କଥା ମଧ୍ୟ ଉଲ୍ଲେଖ କରାଯାଇଥିଲା। ସ୍ଥାନୀୟ ଯୁବକ-ଯୁବତୀଙ୍କୁ ରୋଜଗାର ସୁଯୋଗ ଦେଇ ଅଞ୍ଚଳର ଅର୍ଥନୈତିକ ଉନ୍ନତିରେ ଏହି କାରଖାନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସୁଛି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଅଧିକ ଆନନ୍ଦମୟ କରିଥିଲେ।

# ଜଳିଗଲା ଚାଳଛପର ଘର:ବୃଦ୍ଧ ଜୀବନ୍ତ ଦଗ୍ଧ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବଡଗାଁ ପଞ୍ଚାୟତର ଜୁହା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଚାଳ ଛପର ଘର ଭିତରେ ନିଆଁ ଜାଳି ଶେକି ହୋଇ ସପରିବାର ଶୋଇଯିବା ପରେ ବିଳମ୍ବିତ ରାତିରେ ଏହି ନିଆଁରୁ ଘରେ ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ଚାଳଛପର ଘରର ଗୋଟିଏ ବଖରାରେ ଶୋଇଥିବା ଶ୍ୱଶୁର ଆନନ୍ଦ ସିଂ(୬୫) ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ବଖରାରେ ଶୋଇଥିବା ପୁଅ ବୋହୂ ଓ ଆନନ୍ଦଙ୍କ ପତ୍ନୀ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତି ଯାଇଛନ୍ତି। ଖବରପାଇ ସକାଳେ ବାଙ୍ଗିରିପୋଷି ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିବା ସହିତ କ୍ଷୟକ୍ଷତିର ଆକଳନ କରିଛନ୍ତି । ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି ଗ୍ରାମବାସୀ ।

# ଛାତ୍ରଛାତ୍ରୀମାନଙ୍କ ଡ୍ରପ୍‌ଆଉଟ୍ ରୋକିବାକୁ ପରାମର୍ଶ




**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ପାଟଣାଗଡ ଉପଖଣ୍ଡ ଅଧିନସ୍ଥ ଖପ୍ରାଖୋଲ ସିଆର୍‌ସିସି ପ୍ରଦୀପ କୁମ୍ଭାରଙ୍କ ନେତୃତ୍ୱରେ ପୁଟକେଲ ଚୁଆଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଘନଶ୍ୟାମ ପସାୟତଙ୍କ ସଭାପତିତ୍ୱରେ ଖପ୍ରାଖୋଲ କ୍ଲଷ୍ଟରସ୍ତରୀୟ ଷଷ୍ଠ ମାସିକ ବୈଠକ ଆୟୋଜିତ ହୋଇଯାଇଛି । ବୈଠକର ପ୍ରଥମ ଅଧ୍ୟାୟରେ ଏବିଇଓ ତଥା ବିଆର୍‌ସିସି ରୁଦ୍ରଦେବ ଷଡଙ୍ଗୀ ଅତିଥି ରୂପେ ଯୋଗଦେଇ ଅନେକ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରିବା ସହିତ ଡ୍ରପ୍‌ଆଉଟ୍ ରୋକିବାକୁ, ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇବାକୁ ପରାମର୍ଶ ଦେଇଥିଲେ । ସିଆର୍‌ସିସି ପ୍ରଦୀପ କୁମ୍ଭାର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଏଫ୍.ଏଲ୍.ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ପଢିବା, ଗଢିବା ଓଡ଼ିଶା, ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ପରିଚାଳନା ଭାଷା ଓ ସଂଖ୍ୟାଜ୍ଞାନ- ପାଠଟୀକା ଓ ଶିକ୍ଷକଙ୍କ ଗତିବିଧି ଯୋଜନା ପ୍ରସ୍ତୁତି ଓ ଉପସ୍ଥାପନା, ଶିକ୍ଷଣ ସୋପାନ ରେଜିଷ୍ଟର, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା, ସମସ୍ତ ବିଷୟ ଠିକ୍ ସମୟରେ ସାରିବା, ଆଦି ବିଷୟରେ ଆଲୋଚନା କରିଥିଲେ । ଏଇ ଅବସରରେ ଉକ୍ତ ବୈଠକରେ ଖପ୍ରାଖୋଲ କ୍ଲଷ୍ଟରର ପୂର୍ବତନ ସିଆର୍‌ସିସି ଶ୍ରୀପତି କୁମ୍ଭାରଙ୍କୁ ବିଦାୟକାଳୀନ ଓ ନୂତନ ସିଆର୍‌ସିସି ପ୍ରଦୀପ କୁମ୍ଭାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ମଧ୍ୟ କରାଯାଇଥିଲା । ଏଇ ସଭାରେ ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷିରୋଦିନି ଭୋଇ, ଚାଉଳବାଞ୍ଜି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧିର କୁମାର ନାଗ, ପୁଟକେଲ ଚୁଆଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଘନଶ୍ୟାମ ପସାୟତ, ଘୁନସର ବିଦ୍ୟାଳୟର ପ୍ରଧାନଶିକ୍ଷକ ଧରମ ସିଂ ଧରୁଆ, କୁର୍ଲୁମାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସୁଦେବ ଆଚାର୍ଯ୍ୟ, ଭେଲୁଆଁଖୋଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଜେନ୍ଦ୍ର ସିଂ ବରିହା ପ୍ରମୁଖ ପୂର୍ବତନ ସିଆର୍‌ସିସିଙ୍କ ଗୁଣ ଗାନ କରିବା ସହିତ ତାଙ୍କୁ ପ୍ରଂଶସା ପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ନୂତନ ସିଆର୍‌ସିସି ପ୍ରଦୀପ କୁମ୍ଭାରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ଏଇ ସଭାରେ ଖପ୍ରାଖୋଲ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିବା ସହିତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମନୋରମା ନାଏକ, ମୋତିଲାଲ ତାଣ୍ଡି, ଜଗନ୍ନାଥ ପାଣ୍ଡେ, ଚିନ୍ତାମଣି ଧରୁଆ, ବିଜୟ କୁମାର ପଟେଲ, ଲିଜା ଭୋଇ, ଚନ୍ଦ୍ରକାନ୍ତି ଧରୁଆ, ରୀନା ପାତ୍ର, ଫିରୋଜ ରାଉତ ଉପସ୍ଥିତ ଥିଲେ । ଶେଷରେ ପ୍ରଧାନଶିକ୍ଷକ ବସୁଦେବ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ମୋବାଇଲ୍‌କୁ ନେଇ ଯୁବକଙ୍କ ଆତ୍ମହତ୍ୟା

**ରାଇଘର, ନ୍ୟୁଜ୍ ବ୍ୟୁରୋ**




ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଧୀନରେ ଥିବା ଭାରସୁଣ୍ଡି ଡି.ଏନ.କେ ଗ୍ରାମର ଜଣେ ୧୯ ବର୍ଷ ବୟସ ଯୁବକ ମୋବାଇଲକୁ ନେଇ ପରିବାର ଲୋକ ବିରୋଧ କରିବାରୁ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ ଭାରସୁଣ୍ଡି ଡିଏନ୍‌କେ ଗ୍ରାମର ସୁଶାନ୍ତ ମିର୍ଦ୍ଧାଙ୍କ ପୁଅ ଅମିତ ମିର୍ଦ୍ଧା (୧୯)କୁ ମା' କାହିଁକି ସବୁବେଳେ ମୋବାଇଲ୍‌ରେ ମାତୁଛ ବୋଲି ପାଟି କରିଥିଲେ । ଅମିତ ଏହାକୁ ନେଇ ଗଭୀର ଚିନ୍ତାରେ ଥିଲା । ପରିବାର ଲୋକେ ବିଳମ୍ବିତ ରାତିଯାଏ ନଜର ରଖିଥିଲେ ଅମିତ ଉପରେ । ଭୋର୍ ଚାରିଟା ସମୟରେ ଅମିତର ଶୋଇବା ରୁମ୍‌ରୁ ଏକ ଶବ୍ଦ ଶୁଭିବାରୁ ପରିବାର ଲୋକେ ଯାଇ ଦେଖିଲାବେଳକୁ ଘରେ ଲାଗିଥିବା ଲୁହା ପାଇପ୍ ତୁଲମରେ ଝୁଲୁଥିବା ଦେଖି ତାକୁ ସଙ୍ଗେ ସଙ୍ଗେ ତଳକୁ ଓହ୍ଲାଇ ଡାକ୍ତରଙ୍କ ପାଖକୁ ନେବାକୁ ବାହାରିବା ସମୟରେ ଅମିତର ମୃତ୍ୟୁହୋଇଥିଲା । ଘଟଣାକୁ ନେଇ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏହାକୁ ନେଇ ପୋଲିସ କେଶ୍ ନମ୍ବର ୯୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ପୋଲିସ ପ୍ରକାଶ କରିଛି।

# ସାଳନ୍ଦୀ ନଦୀର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ଆଡ଼ିବନ୍ଧ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାଳନ୍ଦୀ ନଦୀର ଉଭୟ ପାର୍ଶ୍ୱର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଓ ବନ୍ୟା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଆଡ଼ିବନ୍ଧ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ବନ୍ୟା ପ୍ରଭାବ କମିବା ସହ ଚାଷଜମିକୁ ଉତ୍ତମ ଜଳସେଚନ ସୁବିଧା ମିଳିବ ବୋଲି ଆଶା କରାଯାଉଛି। ଏହି ଅବସରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ । ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ସାଳନ୍ଦୀ ନଦୀ ଆଞ୍ଚଳିକ ଲୋକଙ୍କ ଜୀବନ ଓ ଜୀବିକା ସହ ଗଭୀରଭାବେ ଜଡ଼ିତ। ଏହି ଆଡ଼ିବନ୍ଧ ପ୍ରକଳ୍ପ ନଦୀ ତଟବର୍ତ୍ତୀ ଅଞ୍ଚଳକୁ ସୁରକ୍ଷିତ କରିବା ସହ ଅଞ୍ଚଳର ଦୀର୍ଘମେୟାଦୀ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। କାର୍ଯ୍ୟକ୍ରମରେ ଭଦ୍ରକ ବିଧାନସଭା କ୍ଷେତ୍ରର ଲୋକପ୍ରିୟ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ସେ ପ୍ରକଳ୍ପ ଆରମ୍ଭ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇ ଏହା ଭଦ୍ରକ ଜିଲ୍ଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ମୂଳକ ପଦକ୍ଷେପ ବୋଲି କହିଥିଲେ।

# ଚାଷୀ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଉଚ୍ଚ ଶିକ୍ଷା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଯୁବ ସେବା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୨୫ ଓ ୨୬ ବର୍ଷ ପାଇଁ ଚାଷୀ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀଙ୍କ ସହିତ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଆସନ୍ତା ୨୦୨୬ ଜାନୁଆରୀ ୫ ତାରିଖରେ ଜିଲ୍ଲାରେ ଧାନ ମଣ୍ଡି ଶୁଭାରମ୍ଭ ହେବା ଅବସରରେ ଜିଲ୍ଲାର ସାତଟି ବ୍ଲକରେ ଆଗୁଆ ଏହି ସଚେତନତା ରଥ ପରିକ୍ରମା କରି ଚାଷୀମାନଙ୍କୁ ଅବଗତ କରିବ ବୋଲି ଜଣାପଡିଛି। ଜିଲ୍ଲାରେ ୧୦୫ଟି ସେବା ସମବାୟ ସମିତି ଏବଂ ୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରେ ଚାଷୀମାନେ ଧାନ ବିକ୍ରିବଟା କରିବେ। ଜିଲ୍ଲାରେ ୧୩ ଲକ୍ଷ ୩୦ ହଜାର କ୍ୱିଣ୍ଟାଲ ଧାନ ଚାଷୀଙ୍କ ଠାରୁ କ୍ରୟ କରିବାର ଧାର୍ଯ୍ୟ ଲକ୍ଷ୍ୟ ରହିଥିବା ବେଳେ ବର୍ତମାନ ସୁଦ୍ଧା ସମଗ୍ର ଭଦ୍ରକ ଜିଲ୍ଲାରେ ୯୬ ହଜାର ୨୩୨ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ ସଚେତନତା ରଥ ଚାଷୀଙ୍କୁ ସଚେତନ କରିବା ସହ ଧାନ କ୍ୱିଣ୍ଟାଲ ୩ ହଜାର ଶହେ ଟଙ୍କା ଇନ୍‌ପୁଟ୍ ସହ ଚାଷୀ ପାଇବା, ସରକାରଙ୍କ ଆଭିମୁଖ୍ୟ କଟ୍‌ନି ଛଟ୍‌ନି ବନ୍ଦ କରିବା ଏବଂ ଜଣେ ହେଲେ ଚାଷୀ ଧାନ ବିକ୍ରି ସମୟରେ କୌଣସି ଅସୁବିଧାରେ ସମ୍ମୁଖୀନ ନଅ ହେବାକୁ ଦିଆଯିବ ନାହିଁ ସ୍ପଷ୍ଟ କରିଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୩।୧୨।୨୦୨୫, ପୌଷ ଦି୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୬।୦୭।୫୪ **ଚନ୍ଦ୍ରୋଦୟ-** ଦିଘ୮।୪୮।୨୦

**ତୃତୀୟା-** ଦିଘ୧୨।୧୩ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର ଓ ମକର ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ୧୨।୧୩ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୨ ଗତେ ଘ ୭।୦୫ ମଧ୍ୟେ । ଦିଘ ୯।୦୪ ଗତେ ଘ ୧୧।୨୪ ମଧ୍ୟେ।



**ମେଷ:** ସାମାଜିକ ସ୍ତରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଶତ୍ରୁମାନେ ପରାସ୍ତ ହେବେ। ସୌଖିନ୍ୟ ଦ୍ରବ୍ୟ କ୍ରୟ କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ। ଦେହ ଭଲ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ସଫଳ ହେବେ। ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ମନରେ ଶାନ୍ତି ଅନୁଭବ କରିବେ। ବନ୍ଧୁ ଦର୍ଶନର ସୁଯୋଗ ।



**ମିଥୁନ:** ଶାରୀରିକ ଅସୁସ୍ଥତା ଦେଖାଦେବ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ। ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବାର ସୂଚନା ।



**କର୍କଟ:** ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ଚାକିରୀ କ୍ଷେତ୍ରରେ ବାଧା ସୃଷ୍ଟି ହେବ। ବନ୍ଧୁ ମିଳନ ସହିତ ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଦୂରଯାତ୍ରା କରିବାର ସମ୍ଭାବନା ରହିଛି।



**ସିଂହ:** ବନ୍ଧୁ ମିଳନରେ ଆପ୍ୟାୟିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ରୋଜଗାର ସ୍ଥିର ରହିବ। ପରିବାରରେ ସୁଖ ଶାନ୍ତି ବଜାୟ ରହିବାର ସୂଚନା। ମାଲିମୋକଦ୍ଦମାରେ ସଫଳତା ହାସଲ ହେବାର ସୂଚନା ।



**କନ୍ୟା:** କ୍ରୋଧର ପରିମାଣ ବଢ଼ିବ। ଆଶା କରୁଥିବା ଦିଗରୁ ଆୟ ହେବ। ଗୃହରେ ସୁଖ ସନ୍ତୋଷ ଲାଭ ହେବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ମହିଳାମାନେ ସୁଖୀ ହେବେ। ଯଶସ୍ୱୀ ହେବେ। ଦୂରଯାତ୍ରା କରିପାରନ୍ତି ।



**ତୁଳା:** ଅଧିକ ପରିଶ୍ରମ କରିବେ ହେଲେ ପାରିଶ୍ରମିକ ମନୋନିତ ହେବନାହିଁ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ସୁସମ୍ବାଦ ସହିତ ଉତ୍ତମ ଭୋଜନ ପ୍ରାପ୍ତ ହେବ। କଚେରି ମାମଲାରେ ସଫଳତା ମିଳିବ।



**ବିଛା:** କର୍ମକ୍ଷେତ୍ରରେ ବାଦବିବାଦ ଦେଖାଦେବ। ଶତ୍ରୁମାନେ ପରାସ୍ତ ହେବେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅସହଯୋଗ ଦେଖାଦେବ। ମହିଳାମାନେ ସୁଖୀ ହେବେ। ମନ ଭଲ ରହିବ ।



**ଧନୁ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପରିଶ୍ରମର ପରିମାଣ ଅଧିକ ହେବ। ଘରକୁ ସୌଖିନ୍ୟ ଦ୍ରବ୍ୟ କ୍ରୟ କରିବେ। ରୋଜଗାର ସ୍ଥିର ରହିବ। ଦୂରଯାତ୍ରା ସଫଳ ହେବ। ଦେବ ଦର୍ଶନର ସୁଯୋଗ ସୃଷ୍ଟି ହେବ ।



**ମକର:** ପରାଧୀନତା ଅନୁଭବ କରିବେ। ଠକାମିରେ ପଡ଼ିପାରନ୍ତି। ଏଣୁ ସାବଧାନ ରହିବେ। ଆୟ ଓ ବ୍ୟୟ ସମାନ ରହିବ। କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ ଲାଭ କରିବେ। ଗୃହେ ଆନନ୍ଦ ପ୍ରାପ୍ତି ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ପଦୋନ୍ନତିର ଆଶା। ସୁସ୍ୱାଦୁ ଭୋଜନ ମିଳିବ। ଶୁଭ ଖବର ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆୟରେ ଉନ୍ନତି। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମୀନ:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପର ପାଇଁ ନିଜେ ହଇରାଣରେ ପଡ଼ିବେ। ପରିବାରରେ ଆନନ୍ଦ ଲାଭ ହେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ।

# ଏସ୍‌ଆଇ ନିଯୁକ୍ତି ସ୍କାମ୍:ଆଉଜଣଙ୍କୁ ସିବିଆଇ ସମନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୋଲିସ ଏସ୍‌ଆଇ ଚାକିରୀ କେଳେଙ୍କାରୀ ଘଟଣା । ଶଙ୍କର ପୃଷ୍ଟି ଲିଙ୍କରେ ଥିବା ଜଣେ ଗେଷ୍ଟ ଫ୍ୟାକଲଟିଙ୍କୁ ସିବିଆଇ ସମନ୍ କରିଛି । ସମନ୍ ଜରିଆରେ ହାଜର ହୋଇ ରଖିବେ ପକ୍ଷ । ଚାକିରୀ ଆଶାୟୀମାନଙ୍କୁ ଉକ୍ତ ଗେଷ୍ଟ ଫ୍ୟାକଲଟି ଜଣଙ୍କ ଟ୍ରେନିଂ ଦେଉଥିବା ସିବିଆଇ ଜାଣିବାକୁ ପାଇଛି । କେଉଁଭଳି ଭାବରେ ପ୍ରଶ୍ନର ଉତ୍ତର ଦେବେ ପରୀକ୍ଷାର୍ଥୀ ସେ ନେଇ ଦେଉଥିଲା ଟ୍ରେନିଂ । ସେପଟେ ଓପିଆର୍‌ବିର ଦୁଇଜଣ କର୍ମଚାରୀଙ୍କୁ ଡାକି ସିବିଆଇ ଜେରା କରିଛି । ଯେଉଁମାନେ ଏସ୍‌ଆଇ ପରୀକ୍ଷା ସମ୍ବନ୍ଧୀୟ କମ୍ପ୍ୟୁଟରରେ ଡାଟାବେସ୍ ପ୍ରସ୍ତୁତ କରୁଥିଲେ । ଆଗକୁ ମଧ୍ୟ ଅନେକ ଲୋକଙ୍କୁ ସମନ କରିପାରେ ସିବିଆଇ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୧୨।୨୦୨୫, ପୌଷ ଦି୯ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୬।୧୮।୨୩ **ଚନ୍ଦ୍ରୋଦୟ-** ଦିଘ୯।୨୮।୧୨

**ଚତୁର୍ଥୀ-** ଦିଘ୧।୧୧ ପର୍ଯ୍ୟନ୍ତ। **ଶ୍ରବଣା ନକ୍ଷତ୍ର ମଳ-** ପ୍ରାଘ ୭।୦୮ ପର୍ଯ୍ୟନ୍ତ। **ମକର ଚନ୍ଦ୍ର-** ରାଘ ୭।୪୫ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। ରାଘ ୭।୪୫ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। ରାଘ ୭।୪୫ ଗତେ ମିଥୁନ ଓ ମୀନ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦିଷ୍ଟ ଓ ପଞ୍ଚମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧।୧୧ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୨ ଗତେ ଘ ୮।୩୧ ମଧ୍ୟେ । ଦିଘ ୧।୩୪ ଗତେ ଘ ୩।୪୪ ମଧ୍ୟେ। **ପର୍ବୋତ୍ସବ-** ବରଗଡ଼ରେ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ।

ପ୍ରାତ୍ୟହିକ
31 YEARS
ସମ୍ବାଦ କଳିକା

# ୨୬ ଡିସେମ୍ବରରୁ ଲାଗୁ ହେବାକୁ ଯାଉଛି ବର୍ଦ୍ଧିତ ରେଳଭଡ଼ା

ଆସନ୍ତା ବର୍ଷର ବଜେଟ ପୂର୍ବରୁ, ରେଳବାଇ ଯାତ୍ରୀ ଭଡାରେ ଆଉ ଏକ ବୃଦ୍ଧି ଘୋଷଣା କରିଛି। ବର୍ଦ୍ଧିତ ଭଡ଼ା ଡିସେମ୍ବର ୨୬ ତାରିଖରୁ ଲାଗୁ ହେବ। ଚଳିତ ବର୍ଷ ଜୁଲାଇ ୧ ତାରିଖରେ ପୂର୍ବ ଭଡା ବୃଦ୍ଧି ପରେ ଏହା ଚଳିତ ବର୍ଷର ଦ୍ୱିତୀୟ ରେଳଭଡ଼ା ବୃଦ୍ଧିଅଟେ। ତଥାପି, ଦୈନିକ ଶ୍ରମିକ ଏବଂ କମ୍ ଦୂରତା ଯାତ୍ରା କରୁଥିବା ବୃତ୍ତିଗତଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି, ରେଳବାଇ ସାଧାରଣ ଶ୍ରେଣୀରେ ୨୧୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ ଭଡ଼ା ବୃଦ୍ଧି କରିନାହିଁ। ରେଳବାଇ କହିଛି ଯେ ସାଧାରଣ ଶ୍ରେଣୀ ଟ୍ରେନରେ ୨୦୧୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରୁଥିବା ଲୋକଙ୍କ ପକେଟ ଉପରେ କୌଣସି ବୋଝ ପଡ଼ିବ ନାହିଁ। ତଥାପି, ୨୧୫ କିଲୋମିଟରରୁ ଅଧିକ ଯାତ୍ରା ପାଇଁ, ସାଧାରଣ ଶ୍ରେଣୀ ଟିକେଟ ପାଇଁ ପ୍ରତି କିଲୋମିଟରରେ ଏକ ପଇସା ବୃଦ୍ଧି କରାଯାଇଛି। ସମସ୍ତ ଟ୍ରେନର ନନ୍-ଏସି ମେଲ୍ / ଏକ୍ସପ୍ରେସ୍ ଏବଂ ଏୟାରକଣ୍ଡିସନ୍ ଶ୍ରେଣୀ ପାଇଁ ପ୍ରତି କିଲୋମିଟରରେ ଦୁଇ ପଇସା ବୃଦ୍ଧି କରାଯାଇଛି। ନୂତନ ଦର ୨୬ ଡିସେମ୍ବର ୨୦୨୫ ରୁ ଲାଗୁ ହେବ। ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଭଡ଼ା ବୃଦ୍ଧି କରିବାର କାରଣ ଭାବରେ ରେଳବାଇ ବର୍ଦ୍ଧିତ ପରିଚାଳନା ଖର୍ଚ୍ଚ, ମାନବ ସମ୍ବଳ ଖର୍ଚ୍ଚ ଏବଂ ପେନସନ ଖର୍ଚ୍ଚ ଉଲ୍ଲେଖ କରିଛି। ଏହା ବ୍ୟତୀତ, ରେଳବାଇ କହିଛି ଯେ ଏହା ପାର୍ବଣ ଋତୁରେ ୧୨,୦୦୦ ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରିଥିଲା। ଷ୍ଟେସନଗୁଡ଼ିକରେ ଅତିରିକ୍ତ ବ୍ୟବସ୍ଥା, କ୍ରୁ ପ୍ରସ୍ତୁତି ସମେତରେ ମଧ୍ୟ ଏହି ବୃଦ୍ଧିରେ ଅବଦାନ ରହିଛି। ଏହା ବ୍ୟତୀତ, ରେଳବାଇ ସୁରକ୍ଷା ପାଇଁ ଯଥେଷ୍ଟ ଅଧିକ ଟଙ୍କା ଖର୍ଚ୍ଚ କରୁଛି। ଏହି ସମସ୍ତ କାରଣଗୁଡ଼ିକୁ ବିଚାର କରି, ସାମାନ୍ୟ ଭଡ଼ା ବୃଦ୍ଧି କରିବା ଆବଶ୍ୟକ ଥିଲା। ରେଳବାଇ କହିଛି ଯେ ଗତ ଦଶନ୍ଧିରେ ଏହାର ନେଟୱାର୍କ ଏବଂ କାର୍ଯ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଯାତ୍ରୀ ସୁରକ୍ଷାକୁ ସର୍ବୋପରି ରଖି, ରେଳବାଇ ଉଚ୍ଚ କାର୍ଯ୍ୟକ୍ଷମ ସ୍ତର ପରିଚାଳନା ଏବଂ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଟ୍ରେନର ଗତି ଏବଂ କର୍ମଚାରୀଙ୍କୁ ବୃଦ୍ଧି କରୁଛି। ଏହା ମାନବ ସମ୍ବଳ ଖର୍ଚ୍ଚକୁ ୧,୧୫,୦୦୦ କୋଟିକୁ ବୃଦ୍ଧି କରିଛି। ପେନସନ ଖର୍ଚ୍ଚ ମଧ୍ୟ ୬୦,୦୦୦ କୋଟିକୁ ବୃଦ୍ଧି ପାଇଛି। ୨୦୨୪-୨୫ ରେ ପରିଚାଳନା ଖର୍ଚ୍ଚ ୨,୬୩,୦୦୦ କୋଟିକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି।

ଚଳିତ ବର୍ଷ ଜୁଲାଇ ୧ ରେ ବଢ଼ିଥିଲା ରେଳଭଡ଼ା: ଏସବୁ କାରଣରୁ, ଏହି ଖର୍ଚ୍ଚ ପୂରଣ କରିବା ପାଇଁ ରେଳବାଇକୁ ଭଡ଼ାରେ ଏହି ସାମାନ୍ୟ ବୃଦ୍ଧି କରିବାକୁ ପଡ଼ିଲା। ପୂର୍ବରୁ, ଚଳିତ ବର୍ଷ ଜୁଲାଇ ୧ ରେ ସମାନ ପରିମାଣର ଭଡ଼ା ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ, ୨୦୨୦ ରେ ଏହି ବୃଦ୍ଧି କରାଯାଇଥିଲା। ରେଳବାଇ କହିଛି ଯେ ୨୦୨୪-୨୫ ରେ ୭୩୬ କୋଟିରୁ ଅଧିକ ଲୋକ ରେଳବାଇରେ ଯାତ୍ରା କରିଥିଲେ। ଏଥିମଧ୍ୟରୁ କେବଳ ୮୦ କୋଟି ୭୦ ଲକ୍ଷ ଯାତ୍ରୀ ଟିକେଟ ସଂରକ୍ଷଣ କରିଥିଲେ। ବାକି ମୁମ୍ବାଇ ଲୋକାଲ୍ ଏବଂ ଅନ୍ୟାନ୍ୟ ଅଣସଂରକ୍ଷିତ ଉପନଗରୀୟ ଟ୍ରେନରେ ଯାତ୍ରା କରିଥିଲେ। ୨୦୨୩-୨୪ ରେ ୬୯୪ କୋଟି ଲୋକ ରେଳରେ ଯାତ୍ରା କରିଥିଲେ।

# ୧୯୪୭ରୁ ଭାରତ ସାଂସ୍କୃତିକ, ଧର୍ମନିରପେକ୍ଷ ହିନ୍ଦୁ ରାଷ୍ଟ୍ର



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଏ କଥା ସମସ୍ତେ ଜାଣନ୍ତି ଯେ ୨୦୧୪ରୁ ଆମ ଦେଶ ଇଣ୍ଡିଆରୁ ଭାରତ ହୋଇଯାଇଛି ଯାହାର ବିଚାରଧାରା, ଗୋଟିଏ ସଂସ୍କୃତି, ଗୋଟିଏ ଭାଷା ଅନେକ କିଛି ଏକ ହୋଇଯାଛି । ଦେଶ ଏବେ ଗାନ୍ଧୀ, ନେହେରୁ ଏବଂ ଆଜାଦ୍‌ଙ୍କର ନୁହେଁ ବରଂ ହେଡ୍‌ଗେୱାର, ଗୋଲବାଲକର, ସାବରକର, ଶ୍ୟାମ ପ୍ରସାଦ ମୁଖାର୍ଜୀ ଏବଂ ଦୀନ ଦୟାଲ ଉପଧ୍ୟାୟଙ୍କ ଦେଶରେ ପରିଣତ ହେବାରେ ଲାଗିଛି । ଏହାର କାରଣ ହେଉଛି ଭାରତରେ ହିନ୍ଦୁଙ୍କ ସଂଖ୍ୟା ଅଧିକ ଏବଂ ଦେଶ ଧର୍ମରେ ନୁହେଁ ବରଂ ସଂସ୍କୃତିରେ ଧର୍ମନିରପେକ୍ଷ। ବିଗତ ସରକାରମାନଙ୍କ ତୁଳନାରେ ଧର୍ମ ନିରପେକ୍ଷତାର ପ୍ରକୃତ ତଥ୍ୟ ଏହି ସରକାରରେ ରହିଛି। ଏହାର ମଧ୍ୟ କାରଣ ହେଉଛି ହିନ୍ଦୁତ୍ୱ । ବିଶେଷ କଥା ହେଉଛି ଏଥିରେ ସବୁ ଆସ୍ଥା (ଧର୍ମ) ମାନଙ୍କ ପାଇଁ ସଂରକ୍ଷଣ ଏବଂ ନେତୃତ୍ୱ ରହିଛି। ସ୍ୱାଧୀନତା ପରଠାରୁ ଭାରତ ସାଂସ୍କୃତିକ, ଧର୍ମନିରପେକ୍ଷ ରାଷ୍ଟ୍ରରେ ପରିଣତ ହୋଇଯାଇଛି । ଆଜିର ଭାରତରେ ସମସ୍ତ ଭାରତୀୟ ହିନ୍ଦୁ ଅଟନ୍ତି, ଧାର୍ମିକ ଅଥବା ସାମାଜିକ ରୂପରେ ନୁହେଁ ବରଂ ସାଂସ୍କୃତିକ ରୂପରେ । କାରଣ ସମସ୍ତଙ୍କ ଡ଼ିଏନ୍‌ଏ ଏକ ଯଦିଓ ଧର୍ମ ଯାହା ବି ହେଉ । ଏଥିରେ ଧର୍ମନିରପେକ୍ଷତାର ଅର୍ଥ ତୁଷ୍ଟିକରଣ ନୁହେଁ ବରଂ ସନ୍ତୁଷ୍ଟି କରଣ ଅଟେ । ନିକଟରେ ବିହାର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ଜଣାପଡ଼ିଛି ଯେ ବିଜେପି ବା ଏନ୍‌ଡ଼ିଏ ଭୋଟରଙ୍କ ମନ ମସ୍ତିଷ୍କରେ ବିଜେପି ସପକ୍ଷରେ ଏକ ସକରାତ୍ମକ ମାନସିକତା ସୃଷ୍ଟି କରିବାରେ ସଫଳ ହୋଇଛି । ୯୦ଦଶକରେ ଯେଉଁ ମଣ୍ଡଳ, ମନ୍ଦିରର ରାଜନୀତି ଚାଲିଥିଲା ତା'ର ପ୍ରଭାବରେ କଂଗ୍ରେସ ଧରାଶାୟୀ ହୋଇଥିଲା ଏବଂ ଧର୍ମନିରପେକ୍ଷ ରାଜନୀତି ଦୂରେଇ ଯାଇଥିଲା । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜୁରାଟପରେ ବିଜେପି ବିହାରରେ ତାର ସ୍ଥିତି ସୁଦୃଢ଼ କରିପାରିଛି । ଏହା ନିଶ୍ଚିତଭାବେ ବିଜେପି ଏବଂ ସଂଘର ମନୋବଳ ବଢ଼ାଇ ପାରିଛି ।

ନେହେରୁ, ଇନ୍ଦିରାଙ୍କ ସମୟର ଭୋଟ ବିଭାଜିତ ହୋଇଥିଲା ଓ ମୁସ୍‌ଲିମ ଭୋଟ ବ୍ୟାଙ୍କ, ଦଳିତ, ପଛୁଆ ଭୋଟ ଧର୍ମନିରପେକ୍ଷ ସରକାରଠାରୁ ଦୂରେଇ ଯାଇଥିଲା । ଏସବୁର ଫାଇଦା ଉଠାଇ ବିଜେପି ଏବଂ ସଂଘ ହିନ୍ଦୁତ୍ୱର ଧ୍ୱଜା ଉଡ଼ାଇବାରେ ସକ୍ଷମ ହୋଇଥିଲେ। ଏବେ ବିହାର ପରେ ପଶ୍ଚିମବଙ୍ଗରେ ବିଜେପି ତାର ରଣନୀତିର ପରୀକ୍ଷା କରିବାକୁ ଉଦ୍ୟମ କରୁଛି । ଏବେ ଯଦି କୁହାଯିବ ବିଜେପିର ଯାଦୁ ଭାରତୀୟମାନଙ୍କ ଉପରେ ପଡ଼ିଛି ତେବେ ଏହା ଅତିସୟୋକ୍ତି ନୁହେଁ । ବିଗତ କିଛିବର୍ଷ ହେବ ବିରୋଧିଦଳମାନେ ଗୋଟିଏ ମଞ୍ଚରେ ମଧ୍ୟ ଠିଆ ହୋଇ ପାରୁନାହାନ୍ତି । ବିଜେପି ଆଉ ସଂଘ ବିହାରର ନିର୍ବାଚନରେ ଏଭଳି ଖେଳ କଲେ ଯେ, କଂଗ୍ରେସ ସମତେ ସବୁ ବିରୋଧି ଦଳ ଏପରିକି ବାମପନ୍ଥୀମାନଙ୍କ ସ୍ଥିତି ବିଗିଡ଼ି ଯାଇଥିଲା । ଏଣୁ ଯଦି କଂଗ୍ରେସର ବା କେହି ତୃତୀୟ ମୋର୍ଚ୍ଚା ନିଜକୁ ରାଜନୀରେ ବଞ୍ଚାଇ ରଖିପାରିବ ତେବେ ସେମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ।

ପ୍ରଧାନମନ୍ତ୍ରୀ ଭାରତୀୟ ଜନତାଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇପାରିଛନ୍ତି ଶତାବ୍ଦୀ ଶତାବ୍ଦୀ ଧରି ଚାପି ହୋଇଥିବା ହିନ୍ଦୁ ଏବେ ଜାଗି ଉଠିଛନ୍ତି । ଏଣୁ ସମସ୍ତେ ଭାବୁଛନ୍ତି ଯେ ହିନ୍ଦୁଙ୍କ ପାଇଁ ଏବେ ଭଲ ସମୟ ଆସିଯାଇଛି। ହିନ୍ଦୁ ଭୋଟରମାନଙ୍କୁ ଏକାଠି କରିବା ପାଇଁ ମୋଦୀ ଅନେକ ପରିଶ୍ରମ କରିଛନ୍ତି ଏପରିକି ଲୋକଙ୍କ ମନରେ ଏକଥା ପୁରାଇ ପାରିଛନ୍ତି ଯେ, କଂଗ୍ରେସ ହିନ୍ଦୁ ବିଚାରଧାରାକୁ ଚପାଇ ରଖିଥିଲା। ହିନ୍ଦୁଙ୍କ ମନରେ ଏବେ ଆତ୍ମ ବିଶ୍ୱାସ ସୃଷ୍ଟି ହୋଇଛି ଯେ ଛଅ ଦଶନ୍ଧିରୁ ଅଧିକ ସମୟ ସରକାରରେ ରହିଥିବା ଦଳମାନେ ଯାହା କରିପାରିନଥିଲେ ବିଜେପି ଏବେ ତାହା କରିପାରିଛି । ଏଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ବିଜେପି ପଶ୍ଚିମବଙ୍ଗରେ ତାର ସ୍ଥିତି ସୁଧାରି ପାରିବ । କଂଗ୍ରେସର ସ୍ଥିତି ଦୂର୍ବଳ ଓ ବାମପନ୍ଥୀଙ୍କ ଅସ୍ପଷ୍ଟ ହେବାର ଲାଗିଛି । ଅନ୍ୟପକ୍ଷରେ ଦେଶବାସୀ ଦେଖୁଛନ୍ତି ମୋଦୀଙ୍କୁ ଟ୍ରମ୍ପ, ପୁଟିନ୍ ଓ ଅନ୍ୟମାନେ ଗୁରୁତ୍ୱ ଦେଉଛନ୍ତି । ଦେଶରେ ମୋଦୀ ଓ ଅମିତ ଶାହଙ୍କ ଭଳି ବ୍ୟକ୍ତି ବିଶେଷଙ୍କୁ ରାଜନୀତରେ ଚାଲେ କରିବା ପାଇଁ ସେଭଳି ନେତା ନାହାନ୍ତି । ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ, କେଜରୀୱାଲ, ମମତା ଓ ମାୟାବତୀ ସମସ୍ତେ ମୋଦୀଙ୍କ ଆଗରେ ଫିକା ପଡ଼ିଯାଇଛନ୍ତି । ସବୁ ନିର୍ବାଚରେ ବିଜେପ ବାଜିମାତ୍ କରୁଛି । ସବୁ ବିରୋଧିମାନେ ମୋଦୀଙ୍କୁ ହଟାଇବା ପାଇଁ ଉଦ୍ୟମ କରୁଛନ୍ତି କିନ୍ତୁ ବିଫଳ ହେଉଛନ୍ତି । ଉତ୍ତରପ୍ରଦେଶର ପାଖାପାଖି ୨୦ପ୍ରତିଶତ, ଆସାମର ୩୦% ଏବଂ ବିହାରର ୨୮% ମୁସ୍‌ଲିମ ବିଜେପିର ବିଜୟପଥକୁ ରୋକିପାରୁନାହାନ୍ତି । ପଶ୍ଚମବଙ୍ଗର ଅନେକ ହନ୍ଦୁ ଏବଂ କିଛି ମୁସଲିମ ଭୋଟର ମମତାଙ୍କ ଠାରୁ ଦୂରେଇ ଗଲେଣି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ କହୁଛନ୍ତି ଯେ, ଭାରତ ହିନ୍ଦୁ ସଂସ୍କୃତି, ଅସ୍ମିତା ଏବଂ ହିନ୍ଦୁତ୍ୱର ରାଷ୍ଟ୍ର ଅଟେ । ଏଠି ସବୁ ଧର୍ମକୁ ସମ୍ମାନ ଦିଆଯାଏ ଏବଂ ସବୁ ପୂଜା ପଦ୍ଧତି ମଧ୍ୟ ସମ୍ମାନୀୟ ଅଟେ । ଧର୍ମ ଗୋଟିଏ କିନ୍ତୁ ତାର ଅନେକ ନାମ ରହିଛି । ହିନ୍ଦୁତ୍ୱ ଏକ ସଂସ୍କୃତି ଏହା ଧର୍ମନୁହେଁ। ଏହା ସଂସ୍କୃତିର ଆଧାର ଅଟେ । ଦେଶରେ ହିନ୍ଦୁ, ମୁସଲିମ୍ ସଂଘର୍ଷ ବଦଳରେ ସମସ୍ତେ ମିଳିମିଶି ଶାନ୍ତିରେ ସହାବସ୍ଥାନ କରିବା ଆବଶ୍ୟକ ।

# କେରଳରେ ଲାଲ ଦୁର୍ଗ ପତନ !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଗଲା ସପ୍ତାହରେ ଅନୁଷ୍ଠିତ କେରଳ ପୌର ସଂସ୍ଥା ଓ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଫଳାଫଳକୁ ଯଦି ଆଗାମୀ ବିଧାନସଭା ପାଇଁ ଏକ ମାପକାଠି (ବେରୋମିଟର) ହୁଏ, ତେବେ ଦେଶର ଏକମାତ୍ର ବାମପନ୍ଥୀ ଶାସିତ ରାଜ୍ୟରେ କ୍ଷମତାସୀନ ବାମପନ୍ଥୀ ଗଣତାନ୍ତ୍ରୀକ ମେଣ୍ଟ (ଏଲଡିଏଫ) ଏବଂ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଉଭୟେ ଲାଲ ସଂକେତ ଦେଖିବା ସମ୍ଭାବନା ରହିଛି ବୋଲି କୁହାଯାଇପାରିବ। କାରଣ ଏଲଡିଏଫର ମୁଖ୍ୟ ତଥା ପାରମ୍ପରିକ ପ୍ରତିଦ୍ୱନ୍ଦୀ କଂଗ୍ରେସ ନେତୃତ୍ୱାଧୀନ ମିଳିତ ଗଣତାନ୍ତ୍ରୀକ ସାମ୍ମୁଖ୍ୟ (ୟୁଡିଏଫ) ଉଭୟ ପୌର ଏବଂ ପଞ୍ଚାୟତ ସଂସ୍ଥା ନିର୍ବାଚନରେ ବାଜିମାତ କରିଛି। ୟୁଡିଏଫ ରାଜ୍ୟର ୬ଟି ପୌରମହାନଗର ନିଗମ ମଧ୍ୟରୁ ୪ଟି ଅକ୍ତିଆର କରିଥିବାବେଳେ ୯୪୧ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ଅର୍ଦ୍ଧାଧିକ ତଥା ୫୦୫ଟି, ୧୫୨ଟି ପଞ୍ଚାୟତ ସମିତି(ବ୍ଲକ ପଞ୍ଚାୟତ) ମଧ୍ୟରୁ ୭୯ଟି ଏବଂ ୧୪ଟି ଜିଲ୍ଲା ପରିଷଦ (ଜିଲ୍ଲା ପଞ୍ଚାୟତ) ମଧ୍ୟରୁ ୭ଟିରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଛି। ସେହିପରି ରାଜ୍ୟର ୮୬ଟି ପୌର ସଂସ୍ଥା ମଧ୍ୟରୁ ୫୪ଟି ଅକ୍ତିଆର କରି ପରିଷଦ ଗଠନ କରିବାକୁ ସମର୍ଥ ହୋଇଛି। ଯାହାକି ବାମପନ୍ଥୀ ମେଣ୍ଟ ସରକାରଙ୍କ ପାଇଁ ଏକ ଶକ୍ତି ଧକ୍କା ତଥା ଲାଲ ଦୁର୍ଗ ପତନର ସଂକେତ ପ୍ରଦାନ କରିଥିବା କହିଲେ ଅତିରଞ୍ଜିତ ହୋଇନପାରେ। ଆହୁରି ମଧ୍ୟ ଗତ ଚାରି ଦଶନ୍ଧି ଧରି ବାମପନ୍ଥୀ ଦୁର୍ଗ ଭାବେ ପରିଚିତ ରାଜଧାନୀ ଥିରୁବନ୍ଥମପୁର ମହାନଗର ନିଗମ ନିର୍ବାଚନରେ ବିଜେପି ବାଜିମାତ କରିବା ଆଉ ଏକ ଉଲ୍ଲେଖନୀୟ ଘଟଣା। ମହାନଗର ନିଗମର ୧୦୧ଟି ୱାର୍ଡ ମଧ୍ୟରୁ ୫୦ଟିରେ ବିଜେପି ବିଜୟୀ ହୋଇଥିବା ବେଳେ ବାମପନ୍ଥୀ ସାମ୍ମୁଖ୍ୟ ୨୯ଟି ଏବଂ ୟୁଡିଏଫ ୧୯ଟି ୱାର୍ଡ ଅକ୍ତିଆର କରିଛି। ତେବେ ସରକାର ବିରୋଧି ହାୱା ଓ ଦୁର୍ନୀତି ଯୋଗୁଁ ଏଲଡିଏଫର ବିପର୍ଯ୍ୟାୟର କାରଣ ବୋଲି କୁହାଯାଏ। ତେବେ ପିନରାଇ ସରକାର ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଅନ୍ୟପକ୍ଷରେ ନିର୍ବାଚନ ଫଳାଫଳ ନେଇ କଂଗ୍ରେସର ମନୋବଳ କେବଳ ବୃଦ୍ଧି ପାଇନାହିଁ, ଆଗାମୀ ନିର୍ବାଚନ ବିଜୟର ଦିନ ହେବାରେ କଂଗ୍ରେସ ଆଶାବାଦୀ। କୁହାଯାଇପାରେ ଯେ, ନିକଟ ଅତୀତରେ କଂଗ୍ରେସ ବହୁ ନିର୍ବାଚନ ପରାଜୟର ସମ୍ମୁଖୀନ ହୋଇଥିବାବେଳେ ପ୍ରଥମ ଥର ପାଇଁ କେରଳରେ ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳ କଂଗ୍ରେସ ପାଇଁ ଆଶା ସଞ୍ଚାରର ବାର୍ତ୍ତାବହ ହୋଇଛି। ସେହିପରି ରାଜ୍ୟର ମୁଖ୍ୟ ତଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମହାନଗର ନିଗମ ଭାବେ ପରିଚିତ ଥିରୁବନ୍ତମପୁରମ୍‌ରେ ବିଜେପିର ବିଜୟ କେବଳ ଦଳର କର୍ମୀ ଓ ନେତାମାନଙ୍କ ତତ୍ପରତା ଯୋଗୁଁ ସମ୍ଭବ ହୋଇଥିବା ମନେହୁଏ। ଉଲ୍ଲେଖଯୋଗ୍ୟ ଯେ, ଥିରୁବନ୍ତପୁରମ୍ ଲୋକସଭା ଆସନଟି କଂଗ୍ରେସର ଦୁର୍ଗ ଭାବେ ପରିଚିତ ଥିବାବେଳେ ଗତ ଚାରି ଦଶନ୍ଧି ଧରି ଦଳର କବଜାରେ ରହିଛି। ସେଠାରେ ଉଭୟ ବାମପନ୍ଥୀ ଓ କଂଗ୍ରେସକୁ ମତ ଦେଇ ବିଜେପିର ବାଜିମାତ ଏବେ ଏନଡିଏ ତୃତୀୟ ଶକ୍ତି ଭାବରେ ଉଭା ହେବାକୁ ଯାଉଥିବା ମନେହୁଏ। ଏହା ସତ୍ୟ ଯେ, କେରଳ ରାଜନୀତିରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପରିଚିତ ଥିବାବେଳେ ନିୟମିତ ସରକାରରେ ପରିବର୍ତ୍ତନ ଘଟିଥାଏ। ତେବେ ଗତ ୨୦୨୧ ନିର୍ବାଚନରେ ପିନରାଇଙ୍କ ନେତୃତ୍ୱରେ ଏଲଡିଏଫ କ୍ରମାଗତ ଦ୍ୱିତୀୟ ଥର କ୍ଷମତାସୀନ ହୋଇଛି। ୨୦୨୧ ନିର୍ବାଚନରେ ରାଜ୍ୟର ୧୪୦ ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଏଲଡିଏଫ ୪୧ଟି ଏବଂ ବିଜେପି ଗୋଟିଏ ଆସନରେ ବିଜୟୀ ହୋଇଥିଲା। ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ମାତ୍ର ଗୋଟିଏ ତଥା ଥ୍ରିସୁର ଲୋକସଭା ଆସନରେ ବିଜୟୀ ହୋଇଥିବାବେଳେ ଗତ ପୌର ନିର୍ବାଚନରେ ସେପପରି କିଛି ଆଖିଦୃଷ୍ଟିଆ ଫଳ କରିନାହିଁ। ଏପରିକି ବହୁ ଦଳୀୟ ପ୍ରାର୍ଥୀ ଅମାନତ ହାରିଥିବା କୁହାଯାଏ। ସେହିପରି ଏଠାରେ ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ସୁରେଶ ଗୋପୀଙ୍କର କୌଣସି ପ୍ରଭାବ ପରଲକ୍ଷିତ ହୋଇନାହିଁ। କିନ୍ତୁ ଥିରୁବନ୍ତପୁରମରେ ଗତ ସାଧାରଣ ନିର୍ବାଚନରେ ଚାରି ଥରର ସାଂସଦ ତଥା କଂଗ୍ରେସର ବରିଷ୍ଠ ନେତା ଶଶୀଥରୁରଙ୍କ ଠାରୁ ବିଜେପି ପ୍ରାର୍ଥୀ ମାତ୍ର ୧.୭ ପ୍ରତିଶତ ଭୋଟରେ ପରାଜିତ ହୋଇଥିବାବେଳେ ବର୍ଷକ ପରେ ପୌର ନିର୍ବାଚନରେ ବିଜେପି ଆଶାତୀତ ସଫଳତା ହାସଲ କରି ନିଗମ ଅକ୍ତିଆର କରିବା ଦଳ ତଥା ଏନଡିଏ ଏବେ ଏକ ଶକ୍ତିଭାବେ ଆବିର୍ଭାବ ହୋଇଛି। କେରଳ ରାଜନୀତିରେ ତୃତୀୟ ଶକ୍ତି ଭାବେ ଏନଡିଏରେ ଅଭ୍ୟୁଦୟ ନିଶ୍ଚିତ ଭାବେ ରାଜ୍ୟ ରାଜନୀତିରେ ନୂଆମୋଡ ନେବାକୁ ଯାଉଛି ବୋଲି କୁହାଯାଇପାରେ।

# ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା



ଆଶୁତୋଷ ନାୟକ
ଗୋପାଳପୁର,ବାଲେଶ୍ୱର
ମୋବାଇଲ-୭୦୨୦୬୧୧୩୦୦

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲ୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/ ୨ ରେ ଏହା ବର୍ଣ୍ଣିତ ଅଛି,

"କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।
ଦୁର୍ଲ୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।"

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପର୍ଯ୍ୟନ୍ତ ସବୁ ଦିନେ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟନ୍ତ୍ରଣରେ ନଥାଏ। ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ତାହା ଜଣା ।

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ "ଧର୍ମ "ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭିତ୍ତିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ ସେହିପରି ମନୁଷ୍ୟ ଜୀବନରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୁର୍ତ୍ତିମନ୍ତ ପ୍ରତୀକ ଥିଲେ ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ । ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ,ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ । ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ, ଗୁଟକା , ସିଗାରେଟ, ହିରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି,

"ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ''

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର,ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି। ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି । ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି । ସ୍ନେହ, ପ୍ରେମ,ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ। ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି । ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗର ମନୁଷ୍ୟ ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି ।

ଶାସ୍ତ୍ରରେ କୁହାଯାଇଛି
"ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ"

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ମ୍ୟୁନିସିପାଲିଟି ଘର ଜବରଦଖଲ ମାମଲା ଶୁଣାଣି ଶେଷ:ଏଣିକି କାର୍ଯ୍ୟାନୁଷ୍ଠାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖୁବ୍‌ଶୀଘ୍ର ଖାଲି କରାଯିବ ଜବରଦଖଲରେ ଥିବା ମ୍ୟୁନିସିପାଲିଟି କଲୋନୀର ୪୬ଟି କ୍ୱାର୍ଟର୍ସ । ବିଳମ୍ବରେ ହେଲେ ମଧ ବିଇଏମ୍‌ସିର ପଦକ୍ଷେପ ଯୋଗୁ ଅକଳରେ ପଡ଼ିଛନ୍ତି । ବେନିୟମ ଭାବେ ସରକାରୀ କ୍ୱାର୍ଟର୍ସକୁ ନିଜ ଅକ୍ତିଆରରେ ରଖିଥିବା ବ୍ୟକ୍ତି । ଚାକିରିରୁ ଅବସର ନେବାର ଦୀର୍ଘ ଦିନ ପରେ ମଧ ମ୍ୟୁନିସିପାଲଟି କ୍ୱାର୍ଟର୍ସକୁ ଅକ୍ତିଆର ରଖିବା ଏପରିକି ଅନ୍ୟକୁ ଭଡ଼ାସୂତ୍ରରେ ଦେବା ଭଳି ଘଟଣା ନଜରକୁ ଆସିବା ପରେ ବିଇଏମ୍‌ସି ପକ୍ଷରୁ ନିଆଯାଇଛି ଏଭଳି ପଦକ୍ଷେପ । ବ୍ରହ୍ମପୁର ମହାନଗର ନିଗମର ଲାଞ୍ଜିପଲ୍ଲୀ ରାମନଗର ଅଞ୍ଚଳରେ ଥିବା ୭୨ଟି କ୍ୱାର୍ଟର ମଧ୍ୟରୁ ଅଧିକାଂଶ କ୍ୱାର୍ଟର ଜବରଦଖଲରେ ଥିବା ଜଣାପଡ଼ିଛି । ସରକାରୀ କ୍ୱାର୍ଟର୍ସକୁ ଜବରଦଖଲ ମୁକ୍ତ କରିବାକୁ ଯାଇ ବିଇଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଦୁଇଟି ଟିମ୍ ଜରିଆରେ ସର୍ଭେ କରାଯାଇଛି । ସର୍ଭେ ସମୟରେ ୪୬ଟି କ୍ୱାର୍ଟର ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ଜଣାପଡ଼ିଥିଲା । ପରେ ସେମାନଙ୍କୁ ବିଇଏମ୍‌ସି ପକ୍ଷରୁ ନୋଟିସ୍ ଜାରି କରି ତୁରନ୍ତ ଘର ଖାଲି କରିବାକୁ ୭ ଦିନର ମହଲତ ଦିଆଯାଇଥିଲା । ଏପରିକି ୭ ଦିନର ମହଲତ ପରେ ପୁଣି ଶୁଣାଣି କରି ନିଜ ନିଜର ନଥିପତ୍ର ଓ ମତ ରଖିବାକୁ ସୁଯୋଗ ମଧ ଦେଇଥିଲା ବିଇଏମ୍‌ସି । ତେବେ ଶୁଣାଣିରେ ୪୬ ଜଣଙ୍କ ମଧ୍ୟରୁ ମାତ୍ର ୯ ଜଣ କେବଳ ଉପସ୍ଥିତ ଥିଲେ । ତେବେ କାହା ନିକଟରେ କୌଣସି ନଥିପତ୍ର ନଥିବା ଦେଖିବାକୁ ମିଳିଥିଲା । ପ୍ରକାଶଯୋଗ୍ୟ ଯେ ଲାଞ୍ଜିପଲ୍ଲୀ ସୁବାସନଗର ମୌଜାର ଖାତା ନମ୍ବର ୧୭୭ ତଥା ବ୍ରହ୍ମପୁର ତହସିଲ ଅନ୍ତର୍ଗତ ପ୍ଲଟ୍ ନଂ ୩୦୬, ୩୫୪ ଓ ୩୫୬ ରେ ପ୍ରାୟ ୩.୦୧୪ ଡେସିମିଲି ଜିରେ ୭୬ଟି ସରକାରୀ କ୍ୱାର୍ଟର୍ସକୁ ନେଇ ପ୍ରତିଷ୍ଠା ହୋଇଥିଲା ମ୍ୟୁନିସିପାଲିଟି କଲୋନୀ । କଲୋନୀରେ ବ୍ରହ୍ମପୁର ପୌରପାଳିକା ସମେତ ଅନ୍ୟ ବିଭାଗର କର୍ମଚାରୀଙ୍କୁ ରହିବାର ସୁବିଧା ଦିଆଯାଇଥିଲା । କାଳକ୍ରମେ ମରାମତି ଓ ରକ୍ଷଣାବେକ୍ଷଣର ଅଭାବରୁ କ୍ୱାର୍ଟର ଗୁଡ଼ିକ ନଷ୍ଟ ହେବାକୁ ଲାଗିଛି । ଇତି ମଧ୍ୟରେ କ୍ୱାର୍ଟର ଆବଣ୍ଟନ ହୋଇଥିବା କର୍ମଚାରୀଙ୍କ ମଧ୍ୟରୁ ଅନେକ ଅବସର ଗ୍ରହଣ କରିସାରିଥିବା ବେଳେ ଅନେକଙ୍କ ଦେହାନ୍ତ ମଧ ଘଟିସାରିଛି । ତଥାପି ସମ୍ପୃକ୍ତ କର୍ମଚାରୀଙ୍କ ପରିବାର ଲୋକେ ଏବଂ କିଛି ଅନୁପ୍ରବେଶକାରୀ ଉକ୍ତ ସରକାରୀ କ୍ୱାର୍ଟର ଗୁଡ଼ିକୁ ନିଜ ଅକ୍ତିଆରରେ ରଖିଥିବା ଜଣାପଡ଼ିଛି । ବିଇଏମ୍‌ସି କର୍ତ୍ତୃପକ୍ଷଙ୍କ ନଜରକୁ ଏହି ବିଷୟ ଆସିବା ପରେ କଲୋନୀକୁ ଜବରଦଖଲ ମୁକ୍ତ କରିବା ପାଇଁ ସର୍ଭେ କରାଯାଇ ଚିହ୍ନଟ ୪୬ ଜଣଙ୍କୁ ନୋଟିସ୍ ଜାରି କରାଯାଇଥିଲା । ବର୍ତ୍ତମାନ ଚିହ୍ନଟ ସମସ୍ତ ୪୬ଟି କ୍ୱାର୍ଟର୍ସକୁ ଖୁବ୍‌ଶୀଘ୍ର ଖାଲି କରି କଲୋନୀକୁ ପ୍ରଥମେ ଜବରଦଖଲ ମୁକ୍ତ କରାଯିବ । ପରେ ସେଠାରେ ନିଗମ ପକ୍ଷରୁ କର୍ମଚାରୀଙ୍କ ପାଇଁ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରାଯାଇ କ୍ୱାର୍ଟର ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି ।

# ଧାମନଗରରେ ଆରମ୍ଭ ହେବ 'ବିଧାୟକ ମେଧା ସମ୍ମାନ'

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଧାମନଗର ନିର୍ବାଚନ ମଣ୍ଡଳୀକୁ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶ ମଡେଲ୍ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଏକ ଅଭିନବ ଅଭିଯାନର ଶୁଭାରମ୍ଭ ହେବାକୁ ଯାଉଛି । ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟକ୍ରମରେ 'ବିଧାୟକ ମେଧା ସମ୍ମାନ - ୨୦୨୫'ର ଶୁଭାରମ୍ଭ କରିବେ । 'ଶିକ୍ଷା ପ୍ରଥମ- ଧାମନଗର' ସ୍ଲୋଗାନ୍ ସହ ଆୟୋଜିତ ହେବାକୁଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯିବ । ଏହି ଅବସରରେ ଏକ ବିଶାଳ ପ୍ରଧାନଶିକ୍ଷକ ସମ୍ମିଳନୀ ଆୟୋଜନ କରାଯାଉଛି । ଏଥିରେ ଧାମନଗରର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷମାନେ ସାମିଲ୍ ହେବେ । ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ନୂତନ ଶିକ୍ଷା ନୀତି (NEP)ର ସଫଳ ରୂପାୟନ ଏବଂ ବିଦ୍ୟାଳୟ ପରିଚାଳନାରେ ସଂସ୍କାର ଆଣିବା ପାଇଁ ମନ୍ତ୍ରୀ ସିଧାସଳଖ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ । କାର୍ଯ୍ୟକ୍ରମ ଅନୁଯାୟୀ, ବୋର୍ଡ କିମ୍ବା ଶିକ୍ଷା ପରିଷଦ ପରୀକ୍ଷାରେ ଇ୧ ଗ୍ରେଡ୍ ପାଇଥିବା ପ୍ରତିଟି ଛାତ୍ରଛାତ୍ରୀଙ୍କୁ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ବିଦ୍ୟାଳୟର ସଫଳ ପରିଚାଳନା, ନାମଲେଖା ବୃଦ୍ଧି ଏବଂ ଡ୍ରପ୍-ଆଉଟ୍ ହ୍ରାସ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ପ୍ରଧାନଶିକ୍ଷକଙ୍କୁ ୧୦,୦୦୦ ଟଙ୍କାର 'ଲିଡରସିପ୍ ଆୱାର୍ଡ' ବା ନେତୃତ୍ୱ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯିବ । ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଶୈକ୍ଷିକ ଫଳାଫଳ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ବିଦ୍ୟାଳୟକୁ ବିଧାୟକ ପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ବିକାଶ ସହାୟତା ମିଳିବ । ଏହି ଅର୍ଥ ସ୍ମାର୍ଟ କ୍ଲାସ୍‌ରୁମ୍, ଉନ୍ନତ ପାଠାଗାର ଓ କ୍ରୀଡ଼ା ଭିତ୍ତିଭୂମି ଗଠନରେ ବ୍ୟବହାର କରାଯିବ । ଏହି ପୁରସ୍କାର ପାଇଁ ଉପ-ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି UDISE+ ତଥ୍ୟ ଆଧାରରେ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ବାଛିବେ । ମନ୍ତ୍ରୀଙ୍କ କହିବା ଅନୁଯାୟୀ, 'ଶିକ୍ଷା ହିଁ ସମାଜର ପରିବର୍ତ୍ତନର ମୂଳଦୁଆ । ଆମର ଲକ୍ଷ୍ୟ ହେଉଛି ଧାମନଗରର କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନହୁଅନ୍ତି ।' ଆଗାମୀ ଦିନରେ ପ୍ରତି ୬ ମାସରେ 'ଧାମନଗର ଶିକ୍ଷା ପ୍ରଗତି ରିପୋର୍ଟ' ପ୍ରକାଶ କରାଯାଇ ଶୈକ୍ଷିକ ବାତାବରଣର ସମୀକ୍ଷା କରାଯିବ । ଧାମନଗରବାସୀଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ନେଇ ବେଶ୍ ଉତ୍ସାହ ଦେଖାଦେଇଛି ।

# ଆମେରିକୀୟ ଗବେଷଣା ଟିମ୍‌ର ମଡେଲ୍ ବିଦ୍ୟାଳୟ ପରିଦର୍ଶନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଜାତୀୟ ଶିକ୍ଷା ନୀତି ଆଧାରରେ ପରିଚାଳିତ ପ୍ରାଥମିକ ଶିକ୍ଷା କ୍ରମରେ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନର କାର୍ଯ୍ୟକାରିତା, ବିଦ୍ୟାଳୟ ସ୍ତରରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ପରୀକ୍ଷା ମୂଳକ ଭାବେ ବହୁବିଧ କାର୍ଯ୍ୟକ୍ରମରୁ କିଭଳି ସୁଫଳ ମିଳୁଛି, ସେ ନେଇ ୟୁନାଇଟେଡ୍ ଷ୍ଟେଟ୍ ଅଫ୍ ଆମେରିକାର ଦୁଇଗୋଟି ସ୍ୱତନ୍ତ୍ର ଦଳ ଖଲ୍ଲିକୋଟ ବ୍ଲକ ଅଧୀନସ୍ଥ ଦୁଇଗୋଟି ମଡେଲ୍ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କ ପଠନ ଦକ୍ଷତା, ନିୟମିତତା, ଶିକ୍ଷଣ ସାମଗ୍ରୀର ବହୁଳ ବ୍ୟବହାର, ଅଭିନବ ଶିକ୍ଷଣ ଶୈଳୀ ଆଦି ଅନେକ ଦିଗ ସମ୍ପର୍କରେ ଗବେଷଣାତ୍ମକ ତଥ୍ୟ ସଂଗ୍ରହ କରିଥିଲେ । ଉଭୟ ଟିମ୍‌ର ସଦସ୍ୟ ସଦସ୍ୟା ବ୍ଲକ୍ ଅନ୍ତର୍ଗତ କହ୍ନେଇପୁର କ୍ଲଷ୍ଟରର ମାଣିକ୍ୟପୁର ଏବଂ ପତଳା କ୍ଲଷ୍ଟରର ପଣ୍ଡିତ ଗାଁ ବିଦ୍ୟାଳୟ ଭ୍ରମଣ କରି ଖଲ୍ଲିକୋଟ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ଦାସଙ୍କ ସହିତ ଆଲୋଚନା କରିଥିଲେ । ଜର୍ଜ ଟାଉନ୍ ବିଶ୍ୱବିଦ୍ୟାଳୟ, ୟୁ.ଏସ୍.ଏ. ର ଗବେଷକ ପ୍ରଫେସର ଜିସୁ ଦାସ ଏବଂ ତାଙ୍କ ଟିମ୍‌ର ରୁବି ଫ୍ରେଜର-ଡାଲବି, ଆଭା କାରୋଲିନା ଲଙ୍ଗବେନ୍, ଦାସ୍ ନିଖିଲେଶ ଧୁଲଧୋୟା ପ୍ରମୁଖ ଏଥିରେ ସାମିଲ ହୋଇ ବହୁ ଉପାଦେୟ ତଥ୍ୟ ଆହରଣ କରିଥିଲେ । ସିଏସ୍ଏଫ୍‌ର ନିର୍ଦ୍ଦେଶକ ଡକ୍ଟର ପାର୍ଥଜିତ୍ ଦାସ, ସହ ନିର୍ଦ୍ଦେଶକ ଅମରଜିତ୍ ଜେନା, ରାଜ୍ୟ ସ୍ତରୀୟ ନେତୃ ସ୍ଥାନୀୟ କର୍ମକର୍ତ୍ତା ସୁସ୍ମିତ ବିଶ୍ୱାସ, ମିସ୍ ସ୍ନେହଲତା ଜୋସ୍, ବରିଷ୍ଠ ପ୍ରକଳ୍ପ ପରିଚାଳିକା ଚାନ୍ଦିନୀ କାର୍ଲା ପ୍ରମୁଖ ଟିମ୍‌ରେ ନିୟୋଜିତ ହୋଇଥିଲେ । ଛାତ୍ରଛାତ୍ରୀମାନଙ୍କ ସହିତ ପ୍ରତ୍ୟକ୍ଷ ଭାବ ବିନିମୟ କରି ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ଟିମ୍‌ର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ କର୍ମକର୍ତ୍ତାବୃନ୍ଦ । ବିଦ୍ୟାଳୟ ପରିଦର୍ଶନ ସମୟରେ କହ୍ନେଇପୁର କ୍ଲଷ୍ଟରର ସିଆରସିସି ଲିପନ ପଣ୍ଡା, ପଥରା କ୍ଲଷ୍ଟରର ସିଆରସିସି ପ୍ରକାଶ ଚନ୍ଦ୍ର ସେଠୀ, ଆଭାସ ସିଆରସିସି କୃଷ୍ଣଚନ୍ଦ୍ର ପରିଡ଼ା, କନକା କ୍ଲଷ୍ଟରର ସିଆରସିସି ଡକ୍ଟର ଦ୍ୱାରିକାନାଥ ମହାରଣା, ବହୁ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ରଙ୍କ ସମେତ ବହୁ ଶିକ୍ଷକ ପ୍ରଶିକ୍ଷକଙ୍କ ସହିତ ଏଫ୍ଏଲ୍ଏନ୍ ତଥା ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ।

## ଚିଲିକାରେ ବୁଡ଼ି ପର୍ଯ୍ୟଟକଙ୍କ ମୃତ୍ୟୁ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ସାତପଡ଼ା ବୁଲିବାକୁ ଯାଇ ଚିଲିକାରେ ବୁଡ଼ିଗଲେ ପର୍ଯ୍ୟଟକ । ଚିଲିକା ମୁହାଣ ମୁହଁରେ ଗାଧୋଉଥିବା ସମୟରେ ଭାସିଯାଇଥିଲେ । ତେବେ ଏହି ଅଘଟଣରେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚି ବାଘମୁଣ୍ଡା କୂଳରୁ ମୃତଦେହ ଉଦ୍ଧାର କରିଛି ।

# ପାଲବଣୀ ବାଇପାସ୍ ନିକଟରେ ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍‌କୁ ସମର୍ଥନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ବାରିପଦାରେ ପାଲବଣୀ ବାଇପାସ୍ ନିକଟରେ ସରକାରୀ ପତିତ ଜମିରେ ନିର୍ମାଣ ହେବାକୁ ଯାଉଥିବା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍‌କୁ ବିରୋଧ କରାଯାଉଛି । ପରିବେଶ ଆଳରେ ଏହି ପ୍ରକଳ୍ପକୁ ରୋକିବାକୁ ଚକ୍ରାନ୍ତ ଚାଲିଛି ବୋଲି ଅଭିଯୋଗ ହେଉଛି । ଏହାକୁ ବିରୋଧ କରି ବହୁ ସଂଗଠନ ଓ ବାରିପଦାବାସୀ ପ୍ରକଳ୍ପକୁ ଦୃଢ଼ ସମର୍ଥନ ଦେଇଛନ୍ତି । ବର୍ତ୍ତମାନର ପୁରୁଣା ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ଅତ୍ୟନ୍ତ ଗହଳି ହୋଇପଡିଛି । ଅଶୀ ଦଶକରେ ମାତ୍ର ୧୦-୨୦ଟି ବସ୍ ଆସୁଥିବା ବେଳେ ବର୍ତ୍ତମାନ ୧୭୦ରୁ ଅଧିକ ବସ୍ ଆସୁଛି । ପାର୍କିଂ ଜାଗା ଅଭାବରୁ ବସ୍‌ଗୁଡ଼ିକ ରାସ୍ତା ଦୁଇପାର୍ଶ୍ୱରେ ଓ ସହରର ବିଭିନ୍ନ ସ୍ଥାନରେ ବେଆଇନ୍ ପାର୍କିଂ କରୁଛନ୍ତି, ଯାହାଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି । ପୂର୍ବରୁ ୧୯୯୮ରୁ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା । କିନ୍ତୁ କେତେକ ପ୍ରଭାବଶାଳୀ ବ୍ୟବସାୟୀଙ୍କ ବିରୋଧ ଯୋଗୁ ମୁରଗବଡି କାରାଗାର ନିକଟ, ରଘୁନାଥପୁର ଦାରୋଗାଡ଼ିହି ଓ ଜେଲ୍ ପଛପଟ ପ୍ରସ୍ତାବ ବିଫଳ ହୋଇଥିଲା । ବର୍ତ୍ତମାନ ପାଲବଣୀ ବାଇପାସ୍ ନିକଟରେ ୫ ଏକର ସରକାରୀ ଜମିରେ ଅତ୍ୟାଧୁନିକ ବସ୍ ଟର୍ମିନାଲ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାକୁ ପରିବେଶ ନାଁରେ ବିରୋଧ କରାଯାଉଛି, ଯାହା ଅମୂଳକ ବୋଲି ସମର୍ଥକମାନେ କହୁଛନ୍ତି । ୨୦୧୪-୧୫ରେ ଉର୍ବାନ୍ ଟ୍ରି ପ୍ଲାଣ୍ଟେସନ୍ ଯୋଜନାରେ ରୋପଣ ହୋଇଥିବା ୯ ହଜାର ଗଛ ମଧ୍ୟରୁ ମାତ୍ର ୧୭୯୮ଟି ଗଛ କଟାଯାଇଛି । ଏହି ଗଛଗୁଡ଼ିକର ଆୟୁଷ ମାତ୍ର ୧୦ ବର୍ଷ ଏବଂ ମୋଟେଇ ୬-୮ ଇଞ୍ଚ । ବଦଳରେ ବନବିଭାଗ ବାରିପଦା ଡିଭିଜନ୍‌ରେ ୨.୩୦ ଲକ୍ଷ ଓ ସହରରେ ୬୦ ହଜାର ଗଛ ରୋପଣ କରିବ । ଏହାଛଡ଼ା ଛେନାଧୁଆ ଓ ମଧୁବନରେ ଆଉ ୮୫୭୮ଟି ଗଛ ଲଗାଯିବ । ପାଲବଣୀ ବାଇପାସ୍ ସ୍ଥାନଟି ଅତ୍ୟନ୍ତ ଉପଯୁକ୍ତ । ଚାରିପାଖରେ ଘନ ସବୁଜିମା, ସହର ଭିତରେ ପ୍ରଦୂଷଣ କମିବ, ବସ୍‌ଗୁଡ଼ିକ ବାହାରୁ ଯିବେ । ଆଗକୁ ମଞ୍ଚବନ୍ଧାରେ କଳାବାଘ ସଫାରି ହେବ ଏବଂ ରେଳ ଷ୍ଟେସନ୍‌ରୁ ମାତ୍ର ୧ କି.ମି. ଦୂର । ପର୍ଯ୍ୟଟକଙ୍କ ପାଇଁ ସୁବିଧାଜନକ ହେବ । ମେଡିକାଲ୍ କଲେଜ ଓ ରାଜପଥ ବିକାଶରେ ଗଛ କଟାଯାଇଛି, ତେଣୁ ଏହି ଗଛ କଟାକୁ ନେଇ ବିରୋଧ ଚକ୍ରାନ୍ତ ବୋଲି ଅଭିଯୋଗ ହୋଇଛି । ଏହି ପ୍ରକଳ୍ପକୁ ସମର୍ଥନ ଦେଇ ପଲବଣୀ ଦୁର୍ଗା ପୂଜା କମିଟି, ପଞ୍ଚତାରକା କ୍ଲବ, ପାଲବଣୀ ସାଂସ୍କୃତିକ ମଞ୍ଚ, ଲକ୍ଷ୍ମୀ ପୂଜା କମିଟି, ଛାଞ୍ଚ ଉନ୍ନୟନ ପରିଷଦ, ମୟୂରଭଞ୍ଜ ଟ୍ରକ୍ ଓନର୍ସ ଆସୋସିଏସନ୍, ଷ୍ଟେସନ୍ ଏଥଲେଟିକ୍ ଆସୋସିଏସନ୍, ମୟୂରଭଞ୍ଜ ସିନିୟର୍ ସିଟିଜନ୍ ଫୋରମ୍, ଆମେ ମୟୂରଭଞ୍ଜିଆ, ଲେଟକଟ କ୍ଲବ ଆଦି ସଂଗଠନ ସମର୍ଥନ ଦେଇଛନ୍ତି । ଗିରିଶ ଚନ୍ଦ୍ର ଦାସ, ସୁଧାଂଶୁ କୁମାର ଦାସ, ସୁଧାଂଶୁ ଶେଖର ମହାପାତ୍ର, ଅସିତ କୁମାର କର, ଆଦିତ୍ୟ କୁମାର ଦଣ୍ଡପାଟ, ସଂଜୀବ ଦ୍ୱିବେଦୀ, ତ୍ରିଲୋଚନ ଗିରି, ତରୁଣ ପଟ୍ଟନାୟକ, ଅଶୋକ କୁମାର ଗିରି ଆଦି ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହା ବାରିପଦାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତେ ମତ ଦେଇଛନ୍ତି ।

## ବୃହତ ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯାଉ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜଳପରିମଳ ମିଶନ ବିଭାଗୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବା ପାଇଁ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଉପୁଜିଥିବା ବିଭିନ୍ନ ବାଧାକୁ ତତ୍ପରତାର ସହିତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ତଥା ଏଲ୍‌ଏଣ୍ଡଟି କମ୍ପାନୀର ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ । ନିର୍ବାହୀଯନ୍ତ୍ରୀ ପଲ୍ଲବୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ ଜିଲ୍ଲା କଲ୍‌ଚରାଲ୍ ଏକାଡେମୀର ମାସିକ କବିତା ଆସର




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଟୁଟୁସିଙ୍ଗା ପରିସରରେ ବୌଦ୍ଧ ଜିଲ୍ଲା କଲ୍‌ଚରାଲ୍ ଏକାଡେମୀର ମାସିକ କବିତା ଆସର ଅନୁଷ୍ଠିତ ହୋଯାଇଅଛି । ସଭାରେ ଧ୍ରୁବଚରଣ ଘିବେଲା ସଭାପତିତ୍ୱ କରି ଅନୁଷ୍ଠାନର ବିଭିନ୍ନ ମାସିକ କାର୍ଯ୍ୟକ୍ରମ ସଫଳ ଭାବେ ପାଳନ ହେଉଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଆସନ୍ତା ଡ଼ିସେମ୍ବର ୨୮ ତାରିଖ ବାର୍ଷିକ ଉତ୍ସବ ପାଳନ ପାଇଁ ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ । ସାହିତ୍ୟ ସମାଜର ମାନବୀୟ ପ୍ରତିଛବି । ତେଣୁ ଏହାକୁ ନିଜର ସ୍ୱାର୍ଥରେ ବ୍ୟବହାର ନକରିବା ଉଚିତ୍ ବୋଲି କହିଥିଲେ । ଶେଷରେ ଉପସ୍ଥିତ ସମସ୍ତ କବି ନିଜ ନିଜର କବିତା ଉପସ୍ଥାପନ କରିଥିଲେ । ଉପ ସଭାପତି କବି ଟଙ୍କଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କବି କାର୍ତ୍ତିକେଶ୍ୱର ନାୟକ, କବି ବିକେ ନିର୍ମଳ, କବି ସଂସାର ଅମାତ, କବି ରାଧା ମୋହନ ମାହାଣା ପ୍ରମୁଖ କବିତା ପାଠ କରିଥିଲେ ।

## ଓଲଟିଲା ମାଛ ବୋଝେଇ ଟାଟା ଏସି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୋର୍ ସମୟରେ ସତ୍‌ସଙ୍ଗ ବିହାର ଜାତୀୟ ରାଜପଥ ୧୬ ଉପରେ ଟାଟା ଏସି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଟାଟା ଏସିଟି ମାଛ ନେଇ ୪ ନମ୍ବର ଯାଉଥିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ୧୦ କୁଇଣ୍ଟାଲରୁ ଅଧିକ ମାଛ ନେଇ ଯାଉଥିଲା ଟାଟା ଏସି । ଦୁର୍ଘଟଣା ପରେ ମାଛ ଗୁଡିକ ରାସ୍ତାରେ ପଡି ରହିଥିଲା । ଏହାପରେ ଲୋକେ ଏହି ମାଛକୁ ବୋହି ନେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।

## ଦାଦନ ଖଟିବାକୁ ଯାଇ ଗୁଜୁରାଟରେ ଦୁଇଭାଇ ନିଖୋଜ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ବଢ଼ିବାରେ ଲାଗିଛି ଦାଦନ ଶ୍ରମିକଙ୍କ ଦୁଃଖ । କେତେବେଳେ ସେମାନଙ୍କର ଜୀବନ ଯାଉଛି ତ ଆଉ କେତେବେଳେ ନିଖୋଜ ଘଟଣା ଖବର ମିଳୁଛି । ଏମିତି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ପୀରହାଟ ଥାନା ବାଲିଦାଣ୍ଡି ଗ୍ରାମରୁ । ସୂଚନା ମୁତାବକ ବାଲିଦାଣ୍ଡି ଗ୍ରାମରେ ରୁକୁଣା ନାୟକଙ୍କ ସାନପୁଅ ଶରତ ନାୟକ ନିଜର ପରିବାର ଭୋକ ମେଣ୍ଟାଇବା ପାଇଁ ସୁଦୂର ଗୁଜୁରାଟକୁ ଦାଦନ ଭାବେ କାର୍ଯ୍ୟ କରିବାକୁ ଯାଇଥିଲେ କାର୍ଯ୍ୟ କରିବାର ୧୦ରୁ ଅଧିକ ବର୍ଷ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ ତାର କିଛି ଖବର ମିଳିପାରୁନଥିବା ବେଳେ ବଡପୁଅ ଶ୍ରୀମନ୍ତ ନାୟକ ଘଟଣା ମଧ ସମାନ । ସେ ମଧ ଆଜକୁ ଦୁଇବର୍ଷ ହେବ ବାହାରକୁ କାର୍ଯ୍ୟ କରିବାକୁ ଯାଇ ନିଖୋଜ । କିଛି ବର୍ଷତଳେ ଗୋଟିଏ ବୋଲି ଝିଅ ତୁଳସୀ ଗାଁ ପୋଖରୀରେ ବୁଡି ଜୀବନ ଯାଇଛି । ଲାଗୁଛି ଯେମିତି ଦୁଃଖିନୀ ମା' ରୁକୁଣା ଉପରେ ଭଗବାନ ଦାଉ ସାଧୁଛି । ନିଖୋଜ ପୁଅ ଆସିବା ବାଟକୁ ଅନାଇଁ ଆଖିର ଲୁହକୁ ଓଠରେ ପିଇ ଶହେ ମାନସିକ କରିବା ସହିତ ଆଇନଦାତାଙ୍କ ପାଖରେ ଲିଖିତ ଅଭିଯୋଗ ମଧ କରିଛି । ହେଲେ କେହି ତା ଦୁଃଖ ଶୁଣିବାରେ ବିଫଳ । ଏହି ପରିବାର ଉପରେ ଏଭଳି ହୃଦୟ ବିଦାରକ ଘଟଣା ସାରା ଅଞ୍ଚଳବାସୀଙ୍କ ଆଖିରେ ଆଣିଦେଇଛି ଦୁଃଖ । ପୁଅଙ୍କ ଫେରିବା ଆଶାରେ ଦିନ କାଟୁଛନ୍ତି ଜନ୍ମଦାତ୍ରୀ ମା' । ଘରେ ଏବେ କେବଳ ଚିନ୍ତା ଆଉ ଆଶଙ୍କା । ପ୍ରଶାସନ ଓ ପୋଲିସର ସହାୟତା ଦାବି କରୁଛନ୍ତି ପରିବାର ଲୋକେ । ଏହି ଗାଁର ଏକ ଗରିବ ପରିବାର ପାଇଁ ଆଜି ଜୀବନ ଅନ୍ଧକାର ହୋଇପଡ଼ିଛି । ଦାଦନ ଶ୍ରମିକ ଭାବେ ରୋଜଗାର କରିବା ଆଶାରେ ବାହାର ରାଜ୍ୟକୁ ଯାଇଥିବା ଦୁଇ ଭାଇ ଦୀର୍ଘ ସମୟ ଧରି ଘରକୁ ଫେରିନାହାନ୍ତି । ଫୋନ୍ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ । କେଉଁଠି ଅଛନ୍ତି, କିପରି ଅଛନ୍ତି କାହାର ପାଖରେ ଉତ୍ତର ନାହିଁ । ପ୍ରତିଦିନ ଘର ଦୁଆରେ ବସି ପୁଅର ଆସିବା ବାଟକୁ ଅନାଇ ରହୁଛି ମା' । ଗାଁ ଲୋକଙ୍କ ମଧ୍ୟରେ ମଧ ଆଶଙ୍କାର ବାତାବରଣ ଦେଖାଦେଇଛି । ଦାଦନ ଶ୍ରମିକ ଭାବେ ଯାଇ ନିଖୋଜ ହେବା ଏହି ପ୍ରଥମ ଘଟଣା ନୁହେଁ । ପୂର୍ବରୁ ମଧ ଏଭଳି ଅନେକ ଘଟଣା ସାମ୍ନାକୁ ଆସିଛି । ପରିବାର ପକ୍ଷରୁ ପୀରହାଟ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିବା କଥା ଜଣାପଡ଼ିଛି । ହେଲେ ଅଭିଯୋଗ ପତ୍ର ପୋଲିସ ବାବୁଙ୍କ ଫାଇଲ୍ ତଳେ ଚାପି ହୋଇଯାଇଛି । ଅନ୍ୟପଟେ ପରିବାର ଲୋକେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ସାହାଯ୍ୟ ଆହ୍ୱାନ କରିଛନ୍ତି ।

## ଗେଷ୍ଟ ହାଉସ୍‌ରୁ ମୃତଦେହ ଉଦ୍ଧାର:ମୃତ୍ୟୁର କାରଣ ଅସ୍ପଷ୍ଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ନାଲ୍‌କୋ ଛକ ନିକଟସ୍ଥ ଏକ ଗେଷ୍ଟ ହାଉସ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୈତ୍ରୀବିହାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ପୋଲିସ ସୂତ୍ର ଅନୁସାରେ, ମୃତକଙ୍କ ନାକରୁ ଫେଣ ଏବଂ ପାଟିରୁ ରକ୍ତ ବାହାରୁଥିବା ଦେଖାଯାଇଥିବାରୁ ଘଟଣାକୁ ନେଇ ସନ୍ଦେହ ଘନୀଭୂତ ହୋଇଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ, ପୋଲିସ ଏହାକୁ ସନ୍ଦେହଜନକ ମୃତ୍ୟୁ ଭାବେ ତଦନ୍ତ ଆରମ୍ଭ କରିଛି । ଜଣାପଡ଼ିଛି ଯେ ମୃତକଙ୍କ ସ୍ତ୍ରୀ ୨୦ ତାରିଖରେ ଧଉଳି ଥାନାରେ ସ୍ୱାମୀଙ୍କ ନିଖୋଜ ନେଇ ଅଭିଯୋଗ ଦାଖଲ କରିଥିଲେ । ସ୍ତ୍ରୀଙ୍କ କହିବା ଅନୁସାରେ, ୧୯ ତାରିଖରେ ଘରୁ ଆସିବା ପାଇଁ ମୃତକ ଫୋନ୍ କରି ଫେରିବାକୁ ବିଳମ୍ବ ହେବ ବୋଲି ସୂଚନା ଦେଇଥିଲେ । ହେଲେ ତା'ପରେ ତାଙ୍କ ସହ କୌଣସି ଯୋଗାଯୋଗ ହୋଇନଥିଲା । ମୃତକଙ୍କ ସ୍ତ୍ରୀ ଜଣେ ଯୁବତୀଙ୍କ ନାମରେ ହତ୍ୟା ସନ୍ଦେହ ପ୍ରକାଶ କରିଥିବା ସୂଚନା ମିଳିଛି । ପୋଲିସ କହିଛି ଯେ ଗେଷ୍ଟ ହାଉସ୍ ଓ ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି ଏବଂ ତଦନ୍ତ ସହିତ ସମ୍ପୃକ୍ତ ସମସ୍ତଙ୍କୁ ପଚରାଉଚରା କରାଯିବ । ତଦନ୍ତ ପରେ ହିଁ ଘଟଣାର ସତ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଞ୍ଚକର୍ମ ଉପଚାର କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡ଼ାରେ ୨୦୧୫ ମସିହା ଠାରୁ ଆୟୁର୍ବେଦିକ ନିୟମ ଅନୁସାରେ ଏକ ପଞ୍ଚକର୍ମ ବିଭାଗ ଚାଲୁଅଛି । ଏଥିରେ ବିଭିନ୍ନ ପ୍ରକାର ରୋଗ ତଥା ସମସ୍ୟା ଯଥା ପକ୍ଷାଘାତ, ସ୍ନାୟୁ ଜନିତ ସମସ୍ୟା, ମାଂସ ପେଶୀୟ ଜନିତ ସମସ୍ୟା, ଆଣ୍ଠୁ ଗଣ୍ଠି ଜନିତ ରୋଗ, ତ୍ରୁଟିପୂର୍ଣ୍ଣ ଜୀବନ ଶୈଳୀ ଜନିତ ରୋଗ ଆଦିର ଆଶୁ ସମାଧାନ କରାଯାଉଛି । ପ୍ରତି ମାସରେ ପ୍ରାୟତଃ ୩୦୦ ରୁ ୩୫୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି । ରୋଗୀ ଚିକିତ୍ସା ଜନିତ ଶତକଡା ୮୦ ଭାଗ ରୋଗୀ ଉପକୃତ ହେଉଛନ୍ତି । ଏହି ୟୁନିଟ୍‌ରେ ଜଣେ ଡାକ୍ତର ସୌହାଦ୍ୟ କୁମାର ନାଏକ ଚିକିତ୍ସା କରୁଥିବା ବେଳେ ଜଣେ ପଞ୍ଚକର୍ମ ସହାୟକ ଶିବ ଶଙ୍କର ଭୋଳ ଏବଂ ଅନ୍ୟ ଜଣେ ମହିଳା ପଞ୍ଚକର୍ମ ସହାୟିକା ଉର୍ମିଳା ମହାନ୍ତି କାର୍ଯ୍ୟ କରିଆସୁଛନ୍ତି । ଏହି ପଞ୍ଚକର୍ମ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ବିଭାଗ ଅନ୍ତର୍ଗତ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ । ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ ଓ ଏଡିଏମ୍‌ଓ ମେଡିକାଲ୍ ଡ଼ ପ୍ରମୋଦ କୁମାର ପ୍ରହରାଜଙ୍କ ସମେତ ହସ୍ପିଟାଲ୍ ମ୍ୟାନେଜର ପ୍ରଭାତ କୁମାର ନାୟକ, ସୁଭାସିସ ସାଠୁଆ, ଆକାଉଣ୍ଟାଣ୍ଟ କୁମୁରେଶ ନାୟକ ପ୍ରମୁଖ ତଦାରଖ କରୁଛନ୍ତି । ଏହି ଚିକିତ୍ସା ମାଧ୍ୟମରେ ଜିଲ୍ଲାର ବହୁ ନେତୃସ୍ଥାନୀୟ, ରାଜନେତା, ଅଧିକାରୀ ଓ କର୍ମଚାରୀ ଚିକିତ୍ସିତ ହୋଇ ଭଲ ହୋଇଛନ୍ତି । ନିକଟରେ ଡେପୁଟି ମ୍ୟାନେଜର ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡ଼. ସୁକାନ୍ତ କୁମାର ପ୍ରଧାନ ଏହି ପଞ୍ଚକର୍ମ ବ୍ୟବସ୍ଥାର ସୁବିଧା ପାଇଛନ୍ତି ।

# ପର୍ଯ୍ୟଟନସ୍ଥଳୀର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ପ୍ରଶାସନିକ ଅଧିକାରୀ ଓ ସମାଜସେବୀ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ନୂଆବର୍ଷ ପାଖେଇ ଆସୁଥିବା ବେଳେ ଦିନକୁ ଦିନ ବଣଭୋଜି ପାଇଁ ବିଭିନ୍ନ ଦର୍ଶନୀୟ ସ୍ଥାନରେ ଜନ ସମାଗମ ଦେଖିବାକୁ ମିଳୁଛି । ସେହିଭଳି ସବୁ ସ୍ଥାନରେ ଭୋଜିଭାତର ଆସର ଜମୁଥିବାରୁ ଦର୍ଶନୀୟ ସ୍ଥାନ ସବୁ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେଉଥିବାର ଦେଖାଯାଉଛି । ସେଗୁଡ଼ିକୁ କିପରି ସ୍ଥାନକୁ ସୁରକ୍ଷା ଦିଆଯିବା ସହ ତାକୁ ଲୋକଲୋଚନକୁ ଅଣାଯାଇ ଲୋକଙ୍କ ମନରେ ପରିବେଶ ସ୍ୱଚ୍ଛତାକୁ ନେଇ ଏକ ଆନ୍ଦୋଳନ ସୃଷ୍ଟି କରାଯାଇପାରିବ । ଏନେଇ ରବିବାର ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ୍ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଡାକରା କ୍ରମେ ବିଭିନ୍ନ ବିଭାଗ ତଥା ବିଭିନ୍ନ ଅନୁଷ୍ଠାନର ସମାଜସେବୀ ଆଗେଇ ଆସିଥିଲେ ଖସଡ଼ା ଜଳପ୍ରପାତକୁ ସଫା କରି ସମାଜକୁ ଏକ ନିଆରା ବାର୍ତ୍ତା ଦେଇଛନ୍ତି । ପୂର୍ବ ଯୋଜନା ମୁତାବକ ସମରଝୋଳ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟର ସହାୟତାରେ ଭୁବନେଶ୍ୱର ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ତଥା ଗୋପାଳପୁର ସ୍ଥିତ ଆଇ.ଆର.ଇ.ରେ କାର୍ଯ୍ୟରତ ମନୋରଞ୍ଜନ ବେହେରା ଓ ସମାଜସେବୀ ମନୋଜ ମିଶ୍ରଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସ୍ୱେଚ୍ଛାସେବୀ, ପାରଳାଖେମୁଣ୍ଡି ସ୍ଥିତ ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ମୁଖ୍ୟ କୁମାର ରେଡ୍ଡୀ ତଥା ଗାୟତ୍ରୀ ପରିବାରର ସନ୍ତୋଷ ଗନ୍ତାୟତଙ୍କ ନେତୃତ୍ୱରେ ଶତାଧିକ ସ୍ୱେଚ୍ଛାସେବୀ ସକାଳେ ଖସଡ଼ା ଜଳପ୍ରପାତ ନିକଟରେ ଏକତ୍ର ହୋଇ ସଫେଇ କାର୍ଯ୍ୟ ଆରମ୍ଭ କରି ଜଳପ୍ରପାତ ନିକଟରେ ପଡିଥିବା ପ୍ଲାଷ୍ଟିକ୍ ବୋତଲ ତଥା କାଚ ବୋତଲକୁ ସଫା କରିଥିଲେ । ପରେ ଏହି ମହତ କାମରେ ସହଯୋଗର ହାତ ବଢାଇଥିଲେ ଗଜପତି ଜିଲ୍ଲାର ଖଣି ଅଧିକାରୀ ଦିପେନ ପରିଡ଼ା, କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ କୁମାର ମହନ୍ତ ଓ ମୋହନା ଥାନା ତଥା ଚନ୍ଦ୍ରଗିରି ଫାଣ୍ଡିର ଥାନାଧିକାରୀ ଇନ୍‌ସପେକ୍ଟର ବସନ୍ତ ସେଠୀ ଓ ସବ-ଇନ୍‌ସପେକ୍ଟର ସୁନୀଲ କୁମାର ସେଠୀ ଓ ବିଭାଗୀୟ କର୍ମଚାରୀ । ସମସ୍ତଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ଶେଷ ହେବା ସହ ଉପସ୍ଥିତ ସମସ୍ତ ପର୍ଯ୍ୟଟକଙ୍କୁ ପରିବେଶର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ନେଇ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ. ରବି, ମାଧବ ସାସମଲ, ଶିବ ବେହେରା, ପି. ଗଣେଶ ରେଡ୍ଡୀ, ମୋହନ ବେହେରା, ଦୟାନିଧି ସାହୁ, ବି. ସାତେୟା, ସନାତନ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳିତ କରିଥିଲେ ।

# ଗୁରୁଜନଙ୍କୁ ସମ୍ମାନ ଓ ପୂଜ୍ୟପୂଜା ସମାଜକୁ ବଳିଷ୍ଠ କରେ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଉପୁଲାଇ ଗ୍ରାମର ଶଙ୍କର୍ଷଣ-ଘନଶ୍ୟାମ ସ୍ମୃତି ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ସୁଦର୍ଶନ ରାଉତରାଙ୍କ ସଭାପତିତ୍ୱରେ ଶନିଶ୍ଚର ଓ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡ଼ଃ ରୁଦ୍ର ନାରାୟଣ ପୃଷ୍ଟି, ଉଦ୍‌ଘାଟକ ଚଳାପଥ ସମ୍ପାଦକ ହଳଧର ଧୀର, ମୁଖ୍ୟବକ୍ତା ଝାଡ଼େଶ୍ୱର କଲେଜ ଅଧ୍ୟକ୍ଷ ଡ଼ଃ ଅକ୍ଷୟ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବେ କବି ତଥା ସ୍ତମ୍ଭକାର ସୁରେଶ ପରିଡା, କାହ୍ନୁଚରଣ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ମୋହନ ଚରଣ ଖୁଣ୍ଟିଆ ଓ ଯାତ୍ରା ଦୁନିଆ ସମ୍ପାଦକ ନାରାୟଣ କୁମାର ରାଉତରାୟ ଯୋଗଦେଇଥିଲେ । ପିତା-ମାତା ଓ ଗୁରୁଜନଙ୍କ ପ୍ରତି ଆଦର ସମ୍ମାନ ତଥା ପୂଜ୍ୟପୂଜା ସମାଜକୁ ବଳିଷ୍ଠ କରେ ଓ କବି ତା' ଲେଖା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତିଙ୍କ ସଂଯୋଜନାରେ ସର୍ବ ଶ୍ରୀପୂର୍ଣ୍ଣଚନ୍ଦ୍ର ଦାଶ, ନବଘନ ସ୍ୱାଇଁ, ବିଜୟକୁମାର କର, ଇନ୍ଦ୍ରମଣି ବିନ୍ଧାଣୀ, ପଦ୍ମଲୋଚନ ମହାନ୍ତି, ବୃନ୍ଦାବନ ସାହୁ, ପ୍ରଭାତ ସିହ୍ନା, ଗାୟତ୍ରୀ ସାମଲ, ସନାତନ ମଲ୍ଲିକ ପ୍ରମୁଖ ୫୦ରୁ ଉର୍ଦ୍ଧ କବି କବିତା ଆବୃତ୍ତି କରିଥିଲେ । କୁନିକୁନି ପିଲାମାନଙ୍କ ଦ୍ୱାରା ସ୍ୱାଗତ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା । ଏହି ଅବସରରେ ଆଦର୍ଶ ଶିକ୍ଷକ ଜଗନ୍ନାଥ ମାଝି, ସାହିତ୍ୟ ସଂଗଠକ ଭୁବନ ମୋହନ ମହାନ୍ତି, ଶିଶୁ ସାହିତ୍ୟିକ ତଥା ସାମ୍ବାଦିକ ଅଧ୍ୟାପକ ମଳୟ କୁମାର ମଲ୍ଲିକ, ଗାଳ୍ପିକ ତଥା ନାଟ୍ୟକାର ଅକ୍ଷୟ କୁମାର ବାରିକ, ସମାଜସେବୀ ସୁରେନ୍ଦ୍ର କୁମାର ବରାଳ ଓ ଯୁବକବୀ ରେଶମା ମିର୍ଜାଙ୍କୁ ମାନପତ୍ର ଓ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମସ୍ତ କବିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ଅରୁଣ କୁମାର ବେହେରା ମାନପତ୍ର ପାଠ କରିଥିଲେ । ସଂସଦ ସଭାପତି ସାମ୍ବାଦିକ ପବିତ୍ର ମୋହନ ରାଉତରାୟ ସ୍ୱାଗତ ଭାଷଣ, ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଦୀପ୍ତ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ । ମଧୁସୂଦନ ରାଉତରାୟ, ଦୁଷ୍ମନ୍ତ ରାଉତରାୟ ଓ ବିଞ୍ଜଜିତ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଘରେ କଳାକନା ବୁଲାଇଲେ ଲୁଟେରା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା କୁମୁଲିପୁଟରେ ଥିବା ଘର ଭିତର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଛନ୍ତି । କୁମୁଲିପୁଟ ଗ୍ରାମର ଜଗନ୍ନାଥ ଶତପଥି ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ସେ ପରିବାର ସହ ୩ ଦିନ ହେବ ବାହାରକୁ ଯାଇଥିଲେ । ଗତ ୧୯ ତାରଖରେ ସନ୍ଧ୍ୟାରେ ଫେରି ଦେଖିବା ବେଳେ ଘର ବାହାର ପଟୁ ତାଲା ଭାଙ୍ଗା ହେବା ସହ ଆଲମାରି ଭାଙ୍ଗି ଚୋରି କରିବା ସହ ଜିନିଷ ପତ୍ର ଏପଟେ ସେପଟେ ଫିଙ୍ଗିଥିବା ଦେଖିଥିଲେ । ୩ ଭରି ସୁନା ଆଲଙ୍କାର, ରୁପା ଜିନିଷ, ୧ ଲକ୍ଷ ୪୫ ହଜାର ଟଙ୍କା, ରାଇସ୍ କୁକୁର ଆଦି ଚୋରି ହୋଇଛି । ଏନେଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

## ନିଷେଧାଜ୍ଞା ସତ୍ତ୍ୱେ ବେଆଇନ୍ ଭାବେ ଚାଲିଛି ଖଣି ବ୍ଲାଷ୍ଟିଂ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ-ବାଲେଶ୍ୱର ସୀମା ଅଧୀନ ଖଇରା ତହସିଲର ଶାରୀଶୁଆ କପିଳ ଝରୀ ବନ୍ଧନଟା (ପଥର ଖଣି) ଅଞ୍ଚଳରେ ଗତ ୧୬ ତାରିଖରେ ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲଭିଆଙ୍କ ଆଦେଶରେ ଖଇରା ତହସିଲଦାର ରଶ୍ମିରଞ୍ଜନ ହୋତା ଧାରା ୧୬୩ ଧାରା ମୂଳେ ଏସ୍‌ଡିପିଓ (ନୀଳଗିରି) ପ୍ରମୋଦ ମଲିକ, ଆଇଆଇସି (ଖଇରା) ମୋହନ ସେଠି, ଜୁନିଅର ମାଇନିଂ ଅଧିକାରୀ ଅଭିଷେକ ବେହେରା ଓ ଦୁଇ ଜଣ ଏଏସ୍‌ଆଇଙ୍କ ଉପସ୍ଥିତିରେ ନିଷେଧାଜ୍ଞା ଘୋଷଣା କରିଥିଲେ ମଧ ପୋଲିସ ମୁତୟନ ନହେବା କାରଣରୁ ଗତ ୧୮ ତାରିଖରେ ଖଣିନମ୍ବର ୮୮, ୮୯,୧୯, ୪୫ ଓ ୪୪ରେ ହୋଇଛି ବ୍ଲାଷ୍ଟିଂ । ରାତି ନଅଟାରେ ହାତୀଙ୍କ ଚଲାପଥରେ ପ୍ରବଳ ବ୍ଲାଷ୍ଟିଂ ହେବା ଫଳରେ ବଣୁଆ ହାତୀ ଜଙ୍ଗଲ ଛାଡ଼ି ସେଦିନ କୁପାରୀ ଗାଁକୁ ପଶିଲେ । ଫଳରେ ଗାଁ ଲୋକ ଓ ବନକର୍ମଚାରୀ ଗୋଡ଼େଇବାରୁ ହାତୀ କୁପାରୀ - ପୂର୍ବପଡ଼ାର ସୁରେନ୍ଦ୍ର ଦାସ (୬୭)ଙ୍କୁ ଆକ୍ରମଣ କରି ମାରିଦେଲା । ଔପଦା ରେଞ୍ଜ ଅଧିକାରୀ, କୁପାରୀ ଫରେଷ୍ଟର, ବାଲେଶ୍ୱର ଜିଲ୍ଲାର ଡ଼ିଏଫଓ ଘଟଣାସ୍ଥଳରେ ପହଞ୍ଚ ପୂର୍ବପଡ଼ାରେ ରହି ଟିମ୍ ଜରିଆରେ ରାତିରେ ହାତୀକୁ ଅଗରପଡା ସୋସୋ ଦେଇ ହଦଗଡ଼ରେ ପହଞ୍ଚାଇବାରେ ସଫଳ ହୋଇଥିଲେ । କିନ୍ତୁ, ୨୦ ତାରିଖରେ ୧୨ ନମ୍ବର ଖଣିରେ ବ୍ଲାଷ୍ଟିଙ୍ଗ ଯୋଗୁଁ ଜଣେ ଛୋଟ ଖଣି ମାଫିଆକୁ ଜୁନିଅର ମାଇନିଂ ଅଧିକାରୀ ଅଭିଷେକ ବେହେରା ଦୁଇଟି କମ୍ପ୍ରେସର ଜବତ କରି ଖଇରା ଥାନାରେ ରଖିଛନ୍ତି ।

# ଟି-୨୦ ବିଶ୍ୱକପ ପାଇଁ ଚୟନ ହୋଇଥିବା ଭାରତୀୟ ଦଳ ଉପରେ ପ୍ରଶ୍ନ ଉଠାଇଲେ ୱାସିମ ଜାଫର

**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଇଶାନ କିଷାନ ଦଳକୁ ଫେରିଛନ୍ତି। ଉପ-ଅଧିନାୟକ ଶୁବମନ ଗିଲ ଏବଂ ଜିତେଶ ଶର୍ମାଙ୍କୁ ବାଦ୍ ଦିଆଯାଇଛି। ପୂର୍ବତନ କ୍ରିକେଟର ୱାସିମ ଜାଫର ଦଳ ବିଷୟରେ ଏକ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଯଶସ୍ୱୀ ଜୟସ୍ୱାଲ ଏବଂ ଜିତେଶ ଶର୍ମା ଦଳରେ ରହିବା ଉଚିତ୍ ଥିଲା। ତାଙ୍କ ଅନୁସାରେ, ଏହି ଦୁଇ ଖେଳାଳି ଇଶାନ କିଷାନ ଏବଂ ୱାଶିଂଟନ ସୁନ୍ଦରଙ୍କ ସ୍ଥାନ ନେଇପାରିଥାନ୍ତେ।

୨୦୨୬ ଟି୨୦ ବିଶ୍ୱକପ ଭାରତ ଏବଂ ଶ୍ରୀଲଙ୍କାରେ ଫେବୃୟାରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଅନୁଷ୍ଠିତ ହେବ। ଡିସେମ୍ବର ୨୦ ଶନିବାର ଦିନ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର, ବିସିସିଆଇ ସଚିବ ଦେବଜିତ ସାଇକିଆ ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ଉପସ୍ଥିତିରେ ଏକ ଲାଇଭ ପ୍ରେସ କନଫରେନ୍ସ ମାଧ୍ୟମରେ ଦଳ ଘୋଷଣା କରାଯାଇଥିଲା। ଦଳ ଘୋଷଣା ପରେ ପୂର୍ବତନ କ୍ରିକେଟର ୱାସିମ ଜାଫର ଟୁଇଟ୍ କରି କହିଛନ୍ତି, "କାହିଁକି ଜୟସ୍ୱାଲ ଏବଂ ଜିତେଶ ନୁହଁନ୍ତି ? ଏହା ପରେ ସେ ଆଉ ଏକ ପୋଷ୍ଟ କରିଥିଲେ। ୱାସିମ ଜାଫର ନିଜର ଟୁଇଟ୍‌କୁ ପୁନଃ ପୋଷ୍ଟ କରି ଲେଖିଛନ୍ତି, ଜିତେଶ ଏପରି କିଛି ଭୁଲ କରିନାହାନ୍ତି ଯାହାକୁ ନେଇ ତାଙ୍କୁ ବାଦ୍ ଦିଆଯିବ ଏବଂ ଯଶସ୍ୱୀଙ୍କୁ କାହିଁକି ଦଳରେ ରହିବା ଉଚିତ୍ ମନେ କଲେନି ବୋଲି ପ୍ରଶ୍ନ କରିଛନ୍ତି।

ଟି-୨୦ ବିଶ୍ୱକପ ୨୦୨୬ ପାଇଁ ଭାରତୀୟ ଦଳ : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ଉଇକେଟ୍ କିପର), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ (ଉପ-ଅଧିନାୟକ), ରିଙ୍କୁ ସିଂ, ଜସପ୍ରୀତ ବୁମ୍‌ରା, ହର୍ଷିତ ରାଣା, ଅର୍ଶଦୀପ ସିଂହ, କୁଲଦୀପ ଯାଦବ (ଉଇକେଟ୍ କିପର)।

**୨୪ରୁ ବିଜୟ ହଜାରେ ଟ୍ରଫି ଟୁର୍ଣ୍ଣାମେଣ୍ଟ**

# ସୌରାଷ୍ଟ୍ର ବିପକ୍ଷରେ ଅଭିଯାନ ଆରମ୍ଭ କରିବ ଓଡ଼ିଶା

**କଟକ**

ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିସିସିଆଇ ଘରୋଇ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି। ଏଥିରେ ଭାଗ ନେବା ପାଇଁ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧିନ ଓଡ଼ିଶା ଦଳ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିଛି। ଦଳ ତା'ର ପ୍ରଥମ ୩ଟି ଯାକ ମ୍ୟାଚ୍ ବେଙ୍ଗାଲୁରୁରେ ଖେଳିବ। ଓଡ଼ିଶା ଦଳ ଗ୍ରୁପ୍-ଡି'ରେ ସାମିଲ ରହିଛି।




ଦଳ ସୌରାଷ୍ଟ୍ର ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ଏହାପରେ ଦଳ ୨୬ ତାରିଖରେ ସର୍ଭିସେସ୍‌କୁ ଓ ୨୯ ତାରିଖରେ ଆନ୍ଧ୍ରକୁ ଭେଟିବ। ଉଭୟ ମ୍ୟାଚ୍ ଆଲୁର କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ, ମ୍ୟାନେଜର ବିଜୟ କୁମାର ଦାସ, ଆଡମିନ ମ୍ୟାନେଜର ସଂଗ୍ରାମ କେଶରୀ ଗୁମାନସିଂ, ଫିଜିଓ ରୋନି ଚାଟାର୍ଜୀ, ଏସ୍ ଏଣ୍ଡ ସି କୋଚ୍ ଗୌରବ କୌଶିକ, ଭିଡିଓ ଆନାଲିଷ୍ଟ ଶ୍ରଦ୍ଧା ବିଶ୍ୱାଳ, ସାଇଡ୍‌ଆର୍ମ ଥ୍ରୋୟର ସତ୍ୟବାନ ପ୍ରଧାନ ଓ ମସାଜର କପିଳ ବୁଣ୍ଡେଲା ମଧ୍ୟ ଯାତ୍ରା କରିଛନ୍ତି। ପୂର୍ବତନ ଓଡ଼ିଶା କ୍ରିକେଟର ତଥା ବିସିସିଆଇ ମ୍ୟାଚ୍ ରେଫରୀ ପି. ଜୟଚନ୍ଦ୍ର ମଧ୍ୟ ଦଳ ସହ ଗସ୍ତ କରିଛନ୍ତି। ସେ ମ୍ୟାଚ୍ ରେଫରୀ ନିଯୁକ୍ତ ହୋଇଛନ୍ତି।

ଓଡ଼ିଶା ଦଳ: ଶାନ୍ତନୁ ମିଶ୍ର, ସ୍ୱସ୍ତିକ ସାମଲ, ଓମ୍ ଟି. ମୁଣ୍ଡେ, ଦିନେଶ କୁମାର ମାଝୀ, ଆଶୀର୍ବାଦ ସ୍ୱାଇଁ, ବିପ୍ଳବ ସାମନ୍ତରାୟ (ଅଧିନାୟକ), ପ୍ରୟାସ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି (ଉପଅଧିନାୟକ), ଦେବବ୍ରତ ପ୍ରଧାନ, ସୌମ୍ୟ ଆର. ଲେଙ୍କା, ଅନିଲ ପରିଡ଼ା, ସନ୍ଦୀପ ପଟ୍ଟନାୟକ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ସୟଦ ତୌଫେଲ ଅହମ୍ମଦ।

# ଦ୍ୱିତୀୟ ନୀଳାଦ୍ରି କପ୍ ଟି-୨୦ ଆନ୍ତଃବିଭାଗୀୟ କ୍ରିକେଟ୍ ଚାମ୍ପିଅନସିପ୍ ଉଦ୍‌ଯାପିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ ଦ୍ୱିତୀୟ ନୀଳାଦ୍ରି କପ୍ ଟି-୨୦ ଆନ୍ତଃବିଭାଗୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍ ୨୧ ଡିସେମ୍ବର ୨୦୨୫ରେ ମଞ୍ଚେଶ୍ୱରର ରେଳବାଇ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍ ଏବଂ ଉଦଯାପନୀ ସମାରୋହ ସଫଳତାର ସହିତ ସମାପ୍ତ ହୋଇଯାଇଛି। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ, ଇଞ୍ଜିନିୟରିଂ ବିଭାଗ ଚାମ୍ପିଅନ୍ ଦଳ ଭାବରେ ଉଭା ହୋଇଥିଲା, ସମଗ୍ର ଟୁର୍ଣ୍ଣାମେଣ୍ଟରେ ଇଞ୍ଜିନିୟରିଂ ବିଭାଗ ଦଳଗତ ଭାବରେ ଓ ନିରନ୍ତର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲା। ଆରପିଏଫ୍ ଦଳ ମଧ୍ୟ ସେମାନଙ୍କର ଉତ୍ସାହୀ ଏବଂ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିଥିଲେ ଓ ରନର୍ସଅପ୍ ଭାବରେ ଚାମ୍ପିଅନସିପ୍ ସମାପ୍ତ କରିଥିଲା।

ସମାପନୀ ସମାରୋହରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ବ୍ୟକ୍ତିଗତ ପୁରସ୍କାରପ୍ରାପ୍ତଙ୍କ ସହିତ ବିଜୟୀ ଏବଂ ଉପବିଜେତା ଦଳଗୁଡ଼ିକୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ।

ଶ୍ରୀ ଫଙ୍କୱାଲ ଇଞ୍ଜିନିୟରିଂ ଓ ଆରପିଏଫ୍ ଦଳଙ୍କ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ଚାମ୍ପିୟନସିପ୍‌କୁ ସୁଚାରୁ ଓ ସୁସଂଗଠିତ ଭାବେ ଆୟୋଜନ କରିଥିବା ପାଇଁ ପୂର୍ବତଟ ରେଳପଥର କ୍ରୀଡ଼ା ସଂଘକୁ ପ୍ରଶଂସା କରିଥିଲେ। ସେ ରେଳ କର୍ମଚାରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।




ଭୁବନେଶ୍ୱର : ୧୪ ବର୍ଷରୁ କମ୍ ଇଣ୍ଟର ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୫ ପାଇଁ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ଚୟନ କରାଯାଇଥିବା ଟପ୍-୨୦ ଖେଳାଳି ମଧ୍ୟରେ ସ୍ଥାନ ପାଇଲେ ଭୁବନେଶ୍ୱର ୩ ନଂ. କେନ୍ଦ୍ରୀୟ ବିଦ୍ୟାଳୟ ଅଷ୍ଟମ ଛାତ୍ର ସରୋଜ ରଣା।

# ପ୍ରଥମ ଭାରତୀୟ ମହିଳା କ୍ରିକେଟର ଭାବେ ୪୦୦୦ ଟି-୨୦ ଅନ୍ତର୍ଜାତୀୟ ରନ୍ ଅତିକ୍ରମ କଲେ ମନ୍ଧାନା

**ନୂଆଦିଲ୍ଲୀ**

ନିଜ ବ୍ୟକ୍ତିଗତ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଏସବୁକୁ ଅଣଦେଖା କରି ଦେଶ ପାଇଁ ମୈଦାନକୁ ଓହ୍ଲାଇଥିଲେ। ରବିବାର ଫିଲ୍ଡକୁ କମ୍‌ବ୍ୟାକ୍ କରି ବଡ଼ ସଫଳତା ହାସଲ କରିଛନ୍ତି ଭାରତୀୟ ମହିଳା କ୍ରିକେଟ୍ ଦଳର ଓପନର ସ୍ମୃତି ମନ୍ଧାନା। ନଭେମ୍ବର ୨୩ରେ ସଙ୍ଗୀତକାର ପଲାଶ ମୁଛଲଙ୍କୁ ବିବାହ କରିଥାନ୍ତେ ସ୍ମୃତି, କିନ୍ତୁ ବାତିଲ ହୋଇଗଲା ବିବାହ। ଏହା ପରେ ଭାରତୀୟ ଖେଳାଳି ପ୍ରଥମ ଥର ପାଇଁ ମୈଦାନକୁ ଓହ୍ଲାଇଥିଲେ ଏବଂ ଇତିହାସ ରଚିଥିଲେ।

ଏହି ମ୍ୟାଚ୍‌ରେ ମନ୍ଧାନା ବଡ଼ ଇନିଂସ ଖେଳିନଥିଲେ ସତ, କିନ୍ତୁ ଏକ ସ୍ୱତନ୍ତ୍ର ତାଲିକାରେ ନିଜର ନାଁ ସାମିଲ କରିଥିଲେ। ଏହି ତାଲିକାରେ ସେ ଦ୍ୱିତୀୟ ବ୍ୟାଟ୍ସମ୍ୟାନ ହୋଇଛନ୍ତି।

ଏହି ଇନିଂସ ମଧ୍ୟରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବଡ଼ ରେକର୍ଡ କରିଥିଲେ ମନ୍ଧାନା। ସେ ୪୦୦୦ ଟି-୨୦ ଅନ୍ତର୍ଜାତୀୟ ରନ୍ ଅତିକ୍ରମ




କରିଥିଲେ। ଏହି ମାଇଲଖୁଣ୍ଟ ହାସଲ କରିବାରେ ସେ ବିଶ୍ୱର ଦ୍ୱିତୀୟ ମହିଳା କ୍ରିକେଟର। ତାଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ସୁଜି ବେଟ୍ସ ଏହି ସଫଳତା ହାସଲ କରିଥିଲେ। ଏହାର ଅର୍ଥ ହେଉଛି ସେ ଏତେ ରନ୍ କରିଥିବା ପ୍ରଥମ ଭାରତୀୟ ମହିଳା କ୍ରିକେଟର। ତାଙ୍କ ପୂର୍ବରୁ କୌଣସି ଭାରତୀୟ ମହିଳା ବ୍ୟାଟ୍ସମ୍ୟାନ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୪୦୦୦ ରନ୍ ସ୍କୋର କରିପାରିନଥିଲେ। ମନ୍ଧାନା ଏବେ ୧୫୪ ମ୍ୟାଚ୍‌ରେ ୪୦୦୭ ରନ୍ କରିଛନ୍ତି। ଏହି ଫର୍ମାଟରେ ସେ ମୋଟ୍ ଗୋଟିଏ ଶତକ ଏବଂ ୩୧ ଅର୍ଦ୍ଧଶତକ ହାସଲ କରିଛନ୍ତି।

ଟିମ୍ ଇଣ୍ଡିଆ ଏହି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ଜିତିବା ପାଇଁ ସେମାନଙ୍କୁ ୧୨୨ ରନ୍ ଆବଶ୍ୟକ ଥିଲା, ଯାହାକୁ ସେମାନେ ୧୪.୪ ଓଭରରେ ଦୁଇଟି ୱିକେଟ୍ ହରାଇ ହାସଲ କରିଥିଲେ। ଭାରତ ପାଇଁ ଜେମିମା ରୋଡ୍ରିଗ୍ସ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ମନ୍ଧାନା ଆଉଟ୍ ହେବା ପରେ, ଜେମିମା ଦଳର ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ବିଜୟ ସହିତ କମ୍‌ବ୍ୟାକ୍ କରିଥିଲେ। ଏଥିସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ୧-୦ରେ ଆଗୁଆ ଅଛି। ଜେମିମା ୪୪ ବଲ୍ ସାମ୍ନା କରି ୧୦ ଚୌକା ସହାୟତାରେ ୬୯ ରନ୍ କରିଥିଲେ।

# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ରଘୁନାଥପୁରରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ରଘୁନାଥପୁର ଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ମୟୂର ବିହାର ଠାରେ ୧୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ବିଦ୍ୟାପୀଠ ଗଞ୍ଜାମର ଖେଳ ଶିକ୍ଷକ ତଥା ହାସ୍ୟ ଅଭିନେତା ପ୍ରୀତି ରଞ୍ଜନ ପ୍ରଧାନ ଯୋଗ ଦେଇ ଶିଶୁ ଭାଇ ଭଉଣୀମାନଙ୍କୁ ସୁସ୍ଥ ଶରୀର ନିମନ୍ତେ ଖେଳ ମୁଖ୍ୟ ଭୂମିକା ଗ୍ରହଣ ବୋଲି ବକ୍ତବ୍ୟ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଯଶୋବନ୍ତ ସ୍ୱାଇଁ ଯୋଗ ଦେଇ ଶିଶୁ ଭାଇ ଭଉଣୀମାନଙ୍କୁ ଖେଳକୁ ଭଲ ପାଇବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ବୀରଭଦ୍ର ହାଇସ୍କୁଲ ହୁମ୍ମା ଖେଳ ଶିକ୍ଷକ ରୋହିତ କୁମାର ସାହୁ ଯୋଗ ଦେଇ ପିଲାମାନଙ୍କୁ ଖେଳ ଜୀବନକୁ କିପରି ସରସ ସୁନ୍ଦର କରିଥାଏ ତାହା ଶିଶୁ ଭାଇ ଭଉଣୀମାନଙ୍କୁ ଅବଗତ କରାଇ ଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଏସ.ଏସଡି ହୁମ୍ମା ଖେଳ ଶିକ୍ଷକ ସନ୍ତୋଷ କୁମାର ସାହୁ ଉତ୍ସାହିତ କରିଥିଲେ। ଗାଣ୍ଡୁ ନାହାକ ହାଇସ୍କୁଲ ଝାରେଡ଼ିର ଖେଳ ଶିକ୍ଷକ ସଞ୍ଜିବ କୁମାର ନାୟକ ଯୋଗ ଦେଇ ଖେଳ ଦ୍ୱାରା ଶାରୀରିକ ଓ ମାନସିକ ବୃଦ୍ଧି ହୋଇଥିବା କଥା ଉଲ୍ଲେଖ କରିଥିଲେ।



ବିଦ୍ୟାଳୟର ସଭାପତି ତଥା ରାଜ୍ୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଯୋଗ ଦେଇ ଫେଲ୍ୟରର ଇଜ ଦ ପିଲର ଅଫ ସକ୍‌ସେସ୍ ବିଷୟରେ ଶିଶୁ ଭାଇ ଭଉଣୀମାନଙ୍କୁ ବୁଝାଇ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ମଶାଲ ଯାତ୍ରା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ। ସମସ୍ତ ଅତିଥି ମହୋଦୟ, ଗୁରୁଜୀ ଗୁରୁମା ଏବଂ ଛାତ୍ରଛାତ୍ରୀମାନେ ଶପଥ ପାଠ କରି ଶିଶୁ ଭାଇ ଭଉଣୀମାନଙ୍କ ମଧ୍ୟରେ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୨୦୦ ମି. ଦୌଡ଼,ଲଙ୍ଗ ଜମ୍ପ୍, ଅଖାଡିଆଁ, ଲେମ୍ବୁ ଚାମଚ, ମ୍ୟୁଜିକ୍ ଚେୟାର, ଅଙ୍କ ଦୌଡ଼, ବେଙ୍ଗ ଡିଆଁ, କବାଡ଼ି ଏବଂ ଭଲିବଲ୍ ଆଦି ଖେଳ ପ୍ରତିଯୋଗିତା କରାଯାଇଥିଲା ଖେଳର ଜଜ୍‌ଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୁରୁମା ଅଞ୍ଜନା ମୁଦୁଲି ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ମହୋଦୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସସ୍ମିତା ମହାରଥୀ, ଜ୍ୟୋତିମୟୀ ଦାଶ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି. ସନ୍ଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ, ଦୁଃଶାସନ ସାହୁ, ସୁନିତା ସାହୁ, ସୂର୍ଯ୍ୟ କାନ୍ତି ନାହାକ, ସ୍ମୃତି ରେଖା ବେହେରା, ଦେବାଶିଷ ବେହେରା ସମେତ ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

# କେନ୍ଦ୍ରାପଡ଼ା ହାଇସ୍କୁଲର ଜିଲ୍ଲା ସ୍ତରୀୟ ସାଂସଦ ଖେଳ ମହୋତ୍ସବ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଖେଳ ମହୋତ୍ସବର ସଂଯୋଜକ ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ଏହାକୁ କ୍ୟାରିୟାର କରିବାକୁ ବକ୍ତାମାନେ ମତ ଦେଇଥିଲେ। ଏହା ସହିତ ଖେଳୁଆଡ଼ ମନୋବୃତ୍ତି ଆପଣାଇ ସଫଳ ହାସଲ କରିବାକୁ



ପରାମର୍ଶ ଦେଇଥିଲେ। କ୍ରୀଡ଼ାର ବିକାଶ ନିମନ୍ତେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ସହାୟତା କରୁଛନ୍ତି। ସେଥିପାଇଁ ବର୍ତ୍ତମାନ କ୍ରୀଡ଼ା କ୍ଷେତ୍ରରେ ନିଜକୁ ଶ୍ରେଷ୍ଠ କ୍ରୀଡ଼ାବିତ୍ କରିବାରେ ବହୁତ ସୁଯୋଗ ରହିଛି। ଏଥିପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି। ଏହି ମହୋତ୍ସବରେ କେନ୍ଦ୍ରାପଡ଼ା ଲୋକସେବା ଅଧୀନ ୭ଟି ନିର୍ବାଚନ ମଣ୍ଡଳୀର ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳ ପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ, କେନ୍ଦ୍ରାପଡ଼ା, ମାହାଙ୍ଗା, ସାଲେପୁର, ନିଶ୍ଚିନ୍ତକଇଲି ଏବଂ ଟାଙ୍ଗୀ ବ୍ଲକ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୨ ହଜାରରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସୋମବାର ବ୍ୟକ୍ତିଗତ ଇଭେଣ୍ଟ ପ୍ରତିଯୋଗିତା ଆୟୋଜିତ ହୋଇଛି। ମଙ୍ଗଳବାର ଦଳୀୟ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜିତ ହେବ। ପ୍ରତିଯୋଗିତା ମାନ ଆୟୋଜନ ନିମନ୍ତେ ସମସ୍ତ କ୍ରୀଡ଼ା ଶିକ୍ଷକମାନେ ସହଯୋଗ କରିଥିଲେ। ଏହା ଆସନ୍ତା ୨୫ ଡିସେମ୍ବରରେ ଉଦ୍‌ଯାପିତ ହେବ। ସୂଚନା ଯେ, ଉଦଯାପନୀ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦାନ କରିବେ।

# ବଦଳୁଥିବା ସ୍ଥୂଳ-ଅର୍ଥନୀତି ପ୍ରେକ୍ଷାପଟ୍ଟରେ ଗ୍ରାମାଞ୍ଚଳ ନିଯୁକ୍ତିର ପୁନଃଚିନ୍ତନ



ପ୍ରଫେସର ଜ୍ୟୋତିଶ ସତ୍ୟପଲାନ
ଏନଆଇଆରଡିପିଆର
ଜାତୀୟ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ପ୍ରତିଷ୍ଠାନର ପ୍ରଫେସର

ଭାରତର ଗ୍ରାମାଞ୍ଚଳର ନିଯୁକ୍ତି ଗ୍ୟାରେଣ୍ଟି ଏପରି ଏକ ସମୟରେ ପରିକଳ୍ପନା କରାଯାଇଥିଲା ଯେତେବେଳେ ଗ୍ରାମୀଣ ଅର୍ଥବ୍ୟବସ୍ଥା ଦୀର୍ଘକାଳୀନ ସଙ୍କଟ, ସୀମିତ ଅଣ-କୃଷି ସୁଯୋଗ ଏବଂ ଦୁର୍ବଳ ଭିତ୍ତିଭୂମି ମାଧ୍ୟମରେ ହିଁ ଚିହ୍ନିତ ହେଉଥିଲା। ଦୀର୍ଘ ଦୁଇ ଦଶନ୍ଧି ପରେ, ସ୍ଥୂଳ-ଅର୍ଥନୈତିକ ପ୍ରେକ୍ଷାପଟ୍ଟରେ ବର୍ତ୍ତମାନ ଏକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଦେଶରେ ଦାରିଦ୍ର୍ୟର ମାତ୍ରା ହ୍ରାସ ପାଇଛି, ଗ୍ରାମୀଣ ସଂଯୋଗୀକରଣରେ ପର୍ଯ୍ୟାପ୍ତ ଉନ୍ନତି ଘଟିବା ସହ ଆର୍ଥିକ ସମାଯୋଜନ ଧାରା ମଧ୍ୟ ବିସ୍ତାରିତ ହୋଇଛି। ତଥାପି ସାର୍ବଜନୀନ ନିଯୁକ୍ତିର ଚାହିଦା ବଜାୟ ରହିଛି, ସମ୍ପୂର୍ଣ୍ଣ ଅଭାବ ଯୋଗୁଁ କମ୍ ଏବଂ ଜୀବିକା ନିର୍ବାହର ବିପଦ, ଜଳବାୟୁ ଅସ୍ଥିରତା ଏବଂ ଅସମାନ ଆଞ୍ଚଳିକ ଅଭିବୃଦ୍ଧି ଦ୍ୱାରା ଅଧିକ। ଏହି ପରିବର୍ତ୍ତନ ନିଯୁକ୍ତି ଗ୍ୟାରେଣ୍ଟି ଢାଞ୍ଚାରୁ ପଛକୁ ହଟିବା ପାଇଁ ନୁହେଁ ବରଂ ବ୍ୟାପକ ସଂସ୍କାର ନିମନ୍ତେ ଏକ ଆହ୍ୱାନର ପ୍ରତ୍ୟାଶା ରଖେ।

ସାର୍ବଜନୀନ-ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମଜୁରି-ନିଯୁକ୍ତି କାର୍ଯ୍ୟକ୍ରମଗୁଡ଼ିକ ଦୀର୍ଘ ସମୟ ଧରି ଗ୍ରାମୀଣ ଅର୍ଥନୀତିରେ ସ୍ଥିରତାର ଭୂମିକା ଗ୍ରହଣ କରିଆସିଛି। ସେମାନେ ମାନ୍ଦାବସ୍ଥା ସମୟରେ ବ୍ୟବହାରକୁ ସୁଗମ କରିଥାଆନ୍ତି, ସଙ୍କଟକାଳୀନ ସ୍ଥାନାନ୍ତରଣର ମାତ୍ରାକୁ ହ୍ରାସ କରନ୍ତି ଏବଂ ଯେଉଁ କ୍ଷେତ୍ରରେ ନିଯୁକ୍ତି ମାତ୍ରାଧିକ ଭାବରେ ଋତୁକାଳୀନ ହୋଇଥାଏ ସେଠାରେ ଏହାର ଚାହିଦାକୁ ସମର୍ଥନ କରନ୍ତି। କୃଷିର ଅଂଶ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ରେ ହ୍ରାସ ପାଇଥିଲେ ସୁଦ୍ଧା, ଏହା କାର୍ଯ୍ୟଶକ୍ତିର ଏକ ବିରାଟ ଅଂଶକୁ ନିଃଶେଷ କରିଚାଲିଛି, ଯେତେବେଳେ ଗ୍ରାମୀଣ ଅଣ-କୃଷି ନିଯୁକ୍ତି ସୁଯୋଗ, ସୃଷ୍ଟି ସ୍ଥିର ବିକଳ୍ପ ପ୍ରଦାନ କରିବା ପାଇଁ ପର୍ଯ୍ୟାପ୍ତ ଗତିରେ ବିସ୍ତାରିତ ହୋଇନାହିଁ। ଏହି ଢାଞ୍ଚାଗତ ଅସନ୍ତୁଳନ ବ୍ୟାଖ୍ୟା କରେ ଯେ, ସାର୍ବଜନୀନ ନିଯୁକ୍ତି କାହିଁକି ପ୍ରାସଙ୍ଗିକ ରହିଛି। ବିକଶିତ ଭାରତ-ରୋଜଗାର ଏବଂ ଜୀବନ ଜୀବିକା ମିଶନ (ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି ବିଲ୍, ୨୦୨୫ ଗ୍ରାମାଞ୍ଚଳ ନିଯୁକ୍ତିକୁ ଏକ ବ୍ୟାପକ ମାକ୍ରୋ-ଆର୍ଥିକ ଢାଞ୍ଚା ମଧ୍ୟରେ ସମନ୍ୱିତ କରିବାକୁ ଉଦ୍ୟମ କରିଥାଏ। ଏହାକୁ କେବଳ କଲ୍ୟାଣକାରୀ ଖର୍ଚ୍ଚ ଭାବରେ ବିଚାର କରିବା ପରିବର୍ତ୍ତେ, ଏହି ବିଲ୍ ଜୀବିକା ସୁରକ୍ଷାକୁ ଉତ୍ପାଦନ, ସମ୍ପତ୍ତି ସୃଷ୍ଟି ଏବଂ ସମସ୍ତ ଯୋଜନାରେ ସମନ୍ୱୟ ସହିତ ସଂଯୋଗ କରେ, ବିକଶିତ ଭାରତ, ୨୦୪୭ର ଦୀର୍ଘକାଳୀନ ଅଭିବୃଦ୍ଧି ଦୃଷ୍ଟିକୋଣ ସହିତ ଏହା ଓତଃପ୍ରୋତ ଭାବେ ଜଡ଼ିତ।

ବିଗତ ପ୍ରାୟ ଦୁଇ ଦଶନ୍ଧିର ଅଭିଜ୍ଞତା ଆମକୁ ଦର୍ଶାଇଥାଏ ଯେ, ଗ୍ରାମୀଣ ମଜୁରି ନିଯୁକ୍ତିର ଆବଶ୍ୟକତା ସମ୍ପୂର୍ଣ୍ଣ ରୂପେ ଦୂର ହୋଇନାହିଁ। ଉକ୍ତ ଦାରିଦ୍ର୍ୟ ହ୍ରାସ ପାଇଥିଲେ ସୁଦ୍ଧା, ଗ୍ରାମୀଣ ପରିବାରର ଏକ ବଡ଼ ଅଂଶ ଜଳବାୟୁ ପରିବର୍ତ୍ତନ ଜନିତ ସଂକଟ, ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଏବଂ ବଜାର ଉତ୍ଥାନର ସମ୍ମୁଖୀନ ହୋଇଛି। ବର୍ଷା-ଆଦିବାସୀ ଏବଂ ମରୁଡ଼ିପ୍ରବଣ ଅଞ୍ଚଳଗୁଡ଼ିକ ସାର୍ବଜନୀନ ନିଯୁକ୍ତି ପାଇଁ ଉଚ୍ଚ ଚାହିଦା ପ୍ରଦର୍ଶନ ଜାରି ରଖିଛି। ଏହା ଚିରନ୍ତନ ଦାରିଦ୍ର୍ୟ ତୁଳନାରେ ଆୟ ଅସ୍ଥିରତାକୁ ଅଧିକ ମାତ୍ରାରେ ପ୍ରତିଫଳିତ କରେ। ସେହି ସମୟରେ, କାର୍ଯ୍ୟାନ୍ୱୟନ ଫଳାଫଳ ବୈଧାନିକ ଅଧିକାର ଏବଂ ବାସ୍ତବ ବିତରଣ ମଧ୍ୟରେ ଏକ ପୁନରାବୃତ୍ତି ବ୍ୟବଧାନକୁ ପ୍ରଦର୍ଶିତ କରେ। ଯଦିଚ ଆଇନ ପ୍ରତି ପରିବାର ନିମନ୍ତେ ୧୦୦ ଦିନର ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରେ, ଅଧିକାଂଶ ବର୍ଷରେ ପ୍ରଦାନ କରାଯାଇଥିବା ହାରାହାରି କାମ ଦିନ ଏହି ସୀମାର ନିମ୍ନରେ ରହିଛି। ଏହା ଏକ ସ୍ୱୟଂଚାଳିତ ସ୍ଥିରକ ଭାବରେ ସାର୍ବଜନୀନ ନିଯୁକ୍ତିର ଭୂମିକାକୁ ଦୁର୍ବଳ କରିଦିଏ ଏବଂ ମାନ୍ଦାବସ୍ଥା ସମୟରେ ଗ୍ରାମାଞ୍ଚଳର ଚାହିଦାକୁ ସମର୍ଥନ କରିବାର କ୍ଷମତାକୁ ହ୍ରାସ କରେ। ଏଭଳି ପୃଷ୍ଠଭୂମି ବିରୁଦ୍ଧରେ, ପ୍ରତି ପରିବାର ପାଇଁ ବୈଧାନିକ ଗ୍ୟାରେଣ୍ଟିକୁ ୧୦୦ରୁ ୧୨୫ ଦିନକୁ ବୃଦ୍ଧି କରିବା ଏକ ଗୁରୁତ୍ୱପୂର୍ଣ୍ଣ ମାକ୍ରୋ-ଆର୍ଥିକ ହସ୍ତକ୍ଷେପ ଅଥବା ପ୍ରାବଧାନ ବୋଲି କୁହାଯାଇପାରେ। ଏହା ଆର୍ଥିକ ସାଧାରଣ ଖର୍ଚ୍ଚର ପ୍ରତିଚକ୍ରୀୟ ଭୂମିକାକୁ ସୁଦୃଢ଼ କରେ। ଜଳବାୟୁ ଚାପ କିମ୍ବା କୃଷି ମନ୍ଥରତା ସମୟରେ, ଏପରି ପ୍ରସାରଣ ବ୍ୟବହାରକୁ ବଜାୟ ରଖିବା ଏବଂ ସ୍ଥାନୀୟ ଅର୍ଥନୀତିରେ ତୀବ୍ର ସଙ୍କୋଚନକୁ ସୀମିତ କରିବାରେ ମଧ୍ୟ ସହାୟକ ହୋଇଥାଏ।

ପୂର୍ବ ଅଭିଜ୍ଞତାରୁ ଆମମାନଙ୍କୁ ମିଳିଥିବା ଏକ ପ୍ରମୁଖ ଆର୍ଥିକ ଶିକ୍ଷା ହେଉଛି, ଗ୍ରାମୀଣ ନିଯୁକ୍ତି ସମ୍ପଦ ସୃଷ୍ଟି ସହିତ ଜଡ଼ିତ ହେଲେ ଅଧିକ ଶକ୍ତିଶାଳୀ ପରିଣାମ ପ୍ରଦାନ କରେ। ସମୟ ସହିତ, ଜଳ ସଂରକ୍ଷଣ, ମୃତ୍ତିକା ବିକାଶ ଏବଂ ପ୍ରାକୃତିକ ସମ୍ପଦ ପରିଚାଳନା କାର୍ଯ୍ୟ ମାଧ୍ୟମରେ ନିଯୁକ୍ତିର ଏକ ବଡ଼ ଅଂଶ ଭାବରେ ମୁଣ୍ଡ ଟେକିଛି। ଏହି ନିବେଶଗୁଡ଼ିକ ଉନ୍ନତ ଫସଲ ତୀବ୍ରତା, ଅଧିକ ସ୍ଥିର ଭୂତଳ ଜଳ ସ୍ତର ଏବଂ ମରୁଡ଼ିର ପ୍ରଭାବ ହ୍ରାସ ସମେତ ସ୍ପିଲଓଭର ଲାଭ ପ୍ରଦାନ କରିଛି। ନୂତନ ପଦ୍ଧତିର ଜଳ ସୁରକ୍ଷା, ମୂଳ ଗ୍ରାମୀଣ ଭିତ୍ତିଭୂମି, ଜୀବିକା-ସମ୍ପର୍କିତ ସମ୍ପତ୍ତି ଏବଂ ଜଳବାୟୁକୁ ସ୍ଥିର ରଖିବା ଭଳି କାର୍ଯ୍ୟଗୁଡ଼ିକୁ ନିଯୁକ୍ତି ଯୋଜନାର କେନ୍ଦ୍ରରେ ରଖିଛି। ଏହା ନିଯୁକ୍ତି ଖର୍ଚ୍ଚକୁ ମୁଖ୍ୟତଃ ରାଜସ୍ୱ ଖର୍ଚ୍ଚ ଭାବରେ ବିବେଚନା କରିବା ଠାରୁ ବିକେନ୍ଦ୍ରୀକୃତ ସାର୍ବଜନୀନ ନିବେଶ ଭାବରେ ଚିହ୍ନଟ କରିବା ଦିଗରେ ଏକ ପରିବର୍ତ୍ତନକୁ ଚିହ୍ନିତ କରେ। ଆର୍ଥିକ ଦୃଷ୍ଟିକୋଣରୁ, ଏହା ସାଧାରଣ ଖର୍ଚ୍ଚର ଆଉଟପୁଟ୍ ମୂଲ୍ୟକୁ ଉନ୍ନତ କରେ ଏବଂ ମଧ୍ୟବର୍ତ୍ତୀକାଳୀନ ଅଭିବୃଦ୍ଧିକୁ ସମର୍ଥନ ଯୋଗାଇଥାଏ। ସମ୍ପତ୍ତି-କେନ୍ଦ୍ରିତ ନିଯୁକ୍ତି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କ୍ଷେତ୍ରରେ ରିଲିଫ୍ ଖର୍ଚ୍ଚ ଉପରେ ବାରମ୍ବାର ନିର୍ଭରଶୀଳତାକୁ ହ୍ରାସ କରି ଭବିଷ୍ୟତର ଆର୍ଥିକ ଚାପକୁ ମଧ୍ୟ କମାଇବାରେ ସହାୟକ ହୋଇଥାଏ। ଏହି ଦୃଷ୍ଟିରୁ, ବିଲ୍ କ୍ଷଣସ୍ଥାୟୀ ଆୟ ସହାୟତାକୁ ଦୀର୍ଘକାଳୀନ ଉତ୍ପାଦକତା ଲାଭ ସହିତ ସମାଯୋଜିତ କରେ।

ପୂର୍ବରୁ କାର୍ଯ୍ୟାନ୍ୱୟନରେ ଅନ୍ୟ ଏକ ପ୍ରତିବନ୍ଧକ ଥିଲା ଖଣ୍ଡିତ ଯୋଜନା। ଏହା ସମ୍ପୂର୍ଣ୍ଣ ରୂପେ ଅନ୍ୟ ଯୋଜନାମାନଙ୍କ ଠାରୁ ପୃଥକ୍ ଏବଂ ଏକ ଯୋଜନା-ଚାଳିତ କାର୍ଯ୍ୟ ଯାହାର ମାତ୍ରା ସୀମିତ ଏବଂ ପୁଞ୍ଜିର ଗୁଣାତ୍ମକ ମାନ ଦୃଷ୍ଟିରୁ ମଧ୍ୟ ଦୁର୍ବଳ। ବିକଶିତ ଗ୍ରାମ ପଞ୍ଚାୟତ ଯୋଜନାର ପ୍ରବର୍ତ୍ତନ ସମନ୍ୱିତ, ଗ୍ରାମ-ସ୍ତରୀୟ ବିକାଶ ଯୋଜନା ମଧ୍ୟରେ ନିଯୁକ୍ତି କାର୍ଯ୍ୟକୁ ରଖି ଏହାର ଦୁର୍ବଳତାକୁ ସମାଧାନ କରେ। ସ୍ଥାନିକ ଉପକରଣ ବ୍ୟବହାର କରି ପ୍ରସ୍ତୁତ ଏବଂ ଜାତୀୟ ଯୋଜନା ପ୍ଲାଟଫର୍ମ ସହିତ ସମନ୍ୱିତ, ଏହି ଯୋଜନାଗୁଡ଼ିକ ଭିତ୍ତିଭୂମି, ଜଳ, ଗୃହ ଏବଂ ଜୀବିକା ନିବେଶ ମଧ୍ୟରେ ସମନ୍ୱୟକୁ ଅଧିକ ଉନ୍ନତ କରେ। ଏକ ଏକୀକୃତ ଗ୍ରାମୀଣ ଭିତ୍ତିଭୂମି ଢାଞ୍ଚାରେ କାର୍ଯ୍ୟଗୁଡ଼ିକୁ ଏକତ୍ରିତ କରିବା ଦ୍ୱାରା ଏହାର ଦୋହରାକରଣ ମାତ୍ରାକୁ ହ୍ରାସ କରେ ଏବଂ ସାଧାରଣ ନିବେଶର ଦକ୍ଷତାକୁ ଉନ୍ନତ କରେ। ଏହି ପଦ୍ଧତି ଗ୍ରାମାଞ୍ଚଳ ନିଯୁକ୍ତିକୁ ଏକ ସମାନ୍ତରାଳ ପ୍ରଣାଳୀ ଭାବରେ ବ୍ୟବହାର କରିବା ପରିବର୍ତ୍ତେ ବ୍ୟାପକ ବିକାଶ ପ୍ରକ୍ରିୟା ମଧ୍ୟରେ ସ୍ଥାନିତ କରେ। ରାଜ୍ୟଗୁଡ଼ିକୁ ବୁଣା (ରୁଆଁ) ଏବଂ ଅମଳ ଋତୁରେ ସର୍ବାଧିକ ୬୦ ଦିନ ପର୍ଯ୍ୟନ୍ତ ସାଧାରଣ କାର୍ଯ୍ୟକୁ ବିରତ ରଖିବାକୁ ଅନୁମତି ଦେଉଥିବା ବ୍ୟବସ୍ଥାର ଶ୍ରମ-ବଜାର ଉପରେ ଲକ୍ଷ୍ୟଣୀୟ ପ୍ରଭାବ ଅଛି। ଏହି ସମୟ ମଧ୍ୟରେ, କୃଷି ଶ୍ରମିକମାନଙ୍କ ଚାହିଦା ବୃଦ୍ଧି ପାଏ ଏବଂ ବଜାର ମଜୁରୀ ବୃଦ୍ଧି ପାଏ। ଏକାସାଙ୍ଗରେ ଚାଲିଥିବା ବଡ଼ ବଡ଼ ସାର୍ବଜନୀନ କାର୍ଯ୍ୟ ଶ୍ରମ ଉପଲବ୍ଧତା ଉପରେ ଚାପ ପକାଇପାରେ। ଏହା ସହିତ ଚାଷୀମାନଙ୍କ ପାଇଁ ଇନପୁଟ୍ ଖର୍ଚ୍ଚ ବୃଦ୍ଧି କରେ ଏବଂ ଉତ୍ପାଦନକୁ ମଧ୍ୟ ପ୍ରଭାବିତ କରିପାରେ। ଏକ ସମୟବଦ୍ଧ, ସ୍ଥାନୀୟ ଭାବରେ ନିର୍ଦ୍ଧାରିତ ବିରତି କୃଷି କାର୍ଯ୍ୟକଳାପକୁ ଜଟିଳ କରିବାରୁ ସାର୍ବଜନୀନ ନିଯୁକ୍ତିକୁ ରୋକିବାରେ ସାହାଯ୍ୟ କରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉଚ୍ଚ ବାର୍ଷିକ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟଦିବସରେ ଯେକୌଣସି ଋତୁକାଳୀନ ହ୍ରାସକୁ ପୂରଣ କରିବାକୁ ସକ୍ଷମ ହେବ। ଆଗୁଆ ଯୋଜନା ସହିତ, ସାମଗ୍ରିକ ଉପଲବ୍ଧତାକୁ ହ୍ରାସ ନକରି ନିଯୁକ୍ତିକୁ ଦୁର୍ବଳ ଅବଧିରେ ବିସ୍ତାର କରାଯାଇପାରିବ, କୃଷି ଉତ୍ପାଦକତା ଏବଂ ମଜୁରି ଆୟ ଉଭୟକୁ ଏହା ସମର୍ଥନ ଯୋଗାଏ।

ବିଲ୍ ଆର୍ଥିକ ପୂର୍ବାନୁମାନକୁ ଉନ୍ନତ କରିବା ପାଇଁ ସାଧାରଣ ଆବଣ୍ଟନ ପ୍ରଚଳନ କରେ। ନିୟମ-ଆଧାରିତ ପୁଞ୍ଜି ଆବଣ୍ଟନ ରାଜ୍ୟଗୁଡ଼ିକୁ ମଧ୍ୟମକାଳୀନ ଆର୍ଥିକ ଢାଞ୍ଚା ମଧ୍ୟରେ ନିଯୁକ୍ତି ଖର୍ଚ୍ଚ ଯୋଜନା କରିବାକୁ ଅନୁମତି ପ୍ରଦାନ କରେ ଏବଂ ବିଳମ୍ବରେ ପେଠ ଏବଂ ପ୍ରତିକ୍ରିୟାଶୀଳ ବଜେଟ୍ ପରି ସମସ୍ୟାଗୁଡ଼ିକୁ ସମାଧାନ କରେ। ସହଭାଗୀ ଆର୍ଥିକ ଦାୟିତ୍ୱ ମଧ୍ୟ ଉନ୍ନତ ସମ୍ପତ୍ତି ଚୟନ ଏବଂ ରକ୍ଷଣାବେକ୍ଷଣକୁ ଉତ୍ସାହିତ କରେ। ସେହିଭଳି, ଇକ୍ୟୁଇଟି ଚିନ୍ତାଧାରା ପାଇଁ ସ୍ୱଚ୍ଛ ଆବଣ୍ଟନ ମାନଦଣ୍ଡ, ସମୟାନୁବର୍ତ୍ତୀ ପାଣ୍ଠି ପ୍ରବାହ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରାଜ୍ୟଗୁଡ଼ିକ ପାଇଁ ସୁରକ୍ଷା ଆବଶ୍ୟକ। ଡିଜିଟାଲ୍ ମନିଟରିଂ, ସାର୍ବଜନୀନ ସୂଚନା ପ୍ରକାଶ ଏବଂ ସୁଦୃଢ଼ ସାମାଜିକ ଅଡିଟ୍ ଉପରେ ଗୁରୁତ୍ୱାରୋପ କରୁଥିବା ବ୍ୟୟ ଶୃଙ୍ଖଳାକୁ ଉନ୍ନତ କରିବା ଏବଂ ବିତରଣ ବ୍ୟବସ୍ଥାରେ ବିଶ୍ୱାସ ଫେରାଇ ଆଣିବାର ଲକ୍ଷ୍ୟ ଏଥିରେ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହି ବିଲ୍ ନିଯୁକ୍ତି ଗ୍ୟାରେଣ୍ଟିର ଅଧିକାର-ଭିତ୍ତିକ ମୂଳକୁ ବଜାୟ ରଖିଛି, ଯେଉଁଥିରେ ଅଧିସୂଚିତ ମଜୁରୀ ହାର ଏବଂ କାମ ଯୋଗାଇ ଦିଆ ନ ଯାଉଥିବା ସ୍ଥାନରେ ବେକାରୀ ଭତ୍ତା ଅନ୍ତର୍ଭୁକ୍ତ। ଏହି ଅଧିକାରଗୁଡ଼ିକ ପ୍ରଦାନ କରାଯାଉଥିବା ଢାଞ୍ଚା କି ପରିବର୍ତ୍ତନ ଆଣିଥାଏ। ଜଳବାୟୁ ବିପଦ, ଅସମାନ ଅଭିବୃଦ୍ଧି ଏବଂ ଶ୍ରମ-ବଜାର ପ୍ରତିବନ୍ଧକ ଦ୍ୱାରା ଆକୃତିପ୍ରାପ୍ତ ଗ୍ରାମୀଣ ଅର୍ଥନୀତିରେ, ସାର୍ବଜନୀନ ନିଯୁକ୍ତି ଏକ ଆବଶ୍ୟକୀୟ ସାମଗ୍ରିକ-ଅର୍ଥନୈତିକ ଉପକରଣ ଭାବରେ ରହିଛି। ଅଧିକାରକୁ ବିସ୍ତାର କରି, ଯୋଜନା ଦକ୍ଷତା ଉନ୍ନତ କରି, ସମ୍ପତ୍ତି ଗୁଣବତ୍ତା ସୁଦୃଢ଼ କରି ଏବଂ ଆର୍ଥିକ ଶୃଙ୍ଖଳାକୁ ସୁଦୃଢ଼ କରି, ନୂତନ ଢାଞ୍ଚା ଗ୍ରାମୀଣ ନିଯୁକ୍ତିର ମୂଳ ପ୍ରତିଶ୍ରୁତିକୁ ନବୀକରଣ କରିବାକୁ ଚେଷ୍ଟା କରେ। ଏକ ପରିବର୍ତ୍ତିତ ସାମଗ୍ରିକ-ଅର୍ଥନୈତିକ ଦୃଶ୍ୟପଟରେ, ଅଭିଜ୍ଞତା ଦ୍ୱାରା ପରିଚାଳିତ ସଂସ୍କାର ପଛକୁ ହଟିବା ନୁହେଁ, ଏହା ନବୀକରଣ।





# ପୂର୍ବତଟ ରେଳପଥର ୮ ଜଣ ରେଳ କର୍ମଚାରୀ ସମ୍ମାନିତ

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟ୍ରେନ ପରିଚାଳନାର ନିରାପତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ଆଠ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ସମ୍ମାନିତ କର୍ମଚାରୀମାନେ ହେଲେ: ବୋନି କିରଣ କୁମାର, ଷ୍ଟେସନ ସୁପରିଟେଣ୍ଡେଂଟ, ଜଗୟାପାଲେମ, କଲ୍ଲେପାଲି ସୁନୀଲ, ଟେକ୍ନିସିଆନ୍-୧ /ସି ଆଣ୍ଡ ଡବ୍ଲୁ, ବିଶାଖାପାଟଣା, ପିଲ୍ଲାଲା ରାମୁ, ଟ୍ରାକ ମେଂଟେନର -୪, ଜରାଡି, ଭେଙ୍କଟେଶ୍ୱରରାଓ



କାୟା, ଗୁଡ଼ସ ଟ୍ରେନ ମ୍ୟାନେଜେର, କୋରାପୁଟ, ଯୋଗୀ ରମେଶ, ଟେକ୍ନିସିଆନ୍-୧ /ସି ଆଣ୍ଡ ଡବ୍ଲୁ , ବିଶାଖାପାଟଣା, ଭି. ସୋମେଶ୍ୱର ରାଓ, ଲୋକୋ ପାଇଲଟ୍ (ମେଲ/ଏକ୍ସପ୍ରେସ୍), ଟିଟଲାଗଡ଼, ଶୁଭେନ୍ଦୁ କୁମାର ସାହୁ, ପଏଣ୍ଟସମ୍ୟାନ୍ 'ଏ', ବଡ଼ବନ୍ଧ ଏବଂ ସତୀଶ କୁମାର, ପଏଣ୍ଟସମ୍ୟାନ୍ 'ଏ', ଚାରବାଟିଆ। ସେମାନଙ୍କର ସମୟୋଚିତ ପ୍ରତିକ୍ରିୟା ଏବଂ ସକ୍ରିୟ କାର୍ଯ୍ୟ ପରିଚାଳନା ସୁରକ୍ଷାକୁ ସୁନିଶ୍ଚିତ କରିଥିଲା, ସମ୍ଭାବ୍ୟ ବାଧାବିଘ୍ନକୁ ପ୍ରତିରୋଧ କରିଥିଲା ଏବଂ ଭାରତୀୟ ରେଳବାଇର ଉଚ୍ଚ ସୁରକ୍ଷା ମାନକକୁ ବଜାୟ ରଖିଥିଲା। ଉକ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ । ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି । ରେଳ ସେବାର ନିରାପତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍, ସିଗନାଲ ଏବଂ ଓଏଚଇ ମେଂଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ମାଷ୍ଟର ମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ର ୧୯ତମ ବାର୍ଷିକ ଦିବସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ର ୧୯ତମ ବାର୍ଷିକ ଉତ୍ସବ 'ବିୟଣ୍ଡ ବାଉଣ୍ଡାରିଜ ୨୦୨୫' ସୋମବାର ଅନୁଷ୍ଠିତ ହୋଇଯାଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳାକୁ ପ୍ରଶଂସା କରି କହିଲେ, ଶିକ୍ଷାଗତ ଉତ୍କର୍ଷତା ସହିତ ଦୃଢ଼ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ହେଉଛି ପ୍ରକୃତ ଶିକ୍ଷା। ଶିକ୍ଷକ ଶିକ୍ଷୟିତ୍ରୀମାନେ ସର୍ବଦା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସର୍ଜନାତ୍ମକ ଓ ଚରିତ୍ରଗଠନକୁ ପ୍ରୋତ୍ସାହିତ କରିବା




ଉଚିତ ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ଦେଇ ସ୍କୁଲର ଚେୟାରପର୍ସନ ଡ ମୋନା ଲିସା ବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ବୃଦ୍ଧିରେ ସକ୍ରିୟ ସମର୍ଥନ କରିବା ଦିଗରେ ଉତ୍ସାହିତ କରିଥିଲେ। ସ୍କୁଲ୍ର ଅଧକ୍ଷ ଡ. ସଞ୍ଜୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରି ଚଳିତବର୍ଷ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲକୁ ସୁନାମ ଆଣିଦେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'କାରାନାଇ'ର ଇ-ସଂସ୍କରଣକୁ ଡ.ସାମନ୍ତ ଉନ୍ମୋଚନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତର ସର୍ବବୃହତ...

ଆଧାରିତ ଥିଲା ଏବଂ ଆଠଟି ପ୍ରମୁଖ ଫାର୍ମା କମ୍ପାନୀ ସହିତ ଏହି ଆଲୋଚନା କରାଯାଇଥିଲା। ଦ୍ୱିତୀୟ ରାଉଣ୍ଡଟେବୁଲ ବୈଠକରେ ପ୍ରତିରକ୍ଷା କ୍ଷେତ୍ର ସମ୍ପର୍କିତ ୨୭ଟି କମ୍ପାନୀ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଫାର୍ମା ଏବଂ ପ୍ରତିରକ୍ଷା, ଏହି ଦୁଇଟି କ୍ଷେତ୍ର, ବର୍ତ୍ତମାନ ଓଡ଼ିଶାରେ ନଗଣ୍ୟ; ଏହି ଦୁଇଟି ରାଉଣ୍ଡଟେବୁଲ ଆଲୋଚନା ଦ୍ୱାରା ଏହି ଦୁଇଟି କ୍ଷେତ୍ରରେ ନିବେଶକଙ୍କୁ ଆକର୍ଷିତ କରାଯାଇଛି। ଦୁଇ ଦିନରେ ସେ ନିଜେ ୩୮ ଜଣ ଶିଳ୍ପପତିଙ୍କ ସହିତ ୱାନ ଟୁ ୱାନ୍ ଆଲୋଚନା କରିଛନ୍ତି ବୋଲି କହିଥିଲେ । ଏହି ବୈଠକରେ ଔଷଧ ଏବଂ ଚିକିତ୍ସା ଉପକରଣ, ପ୍ରତିରକ୍ଷା ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ଡାଟା ସେଣ୍ଟର, ବୟନ ଏବଂ ବୈଷୟିକ ବୟନ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକରେ ନିବେଶ ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ହାଇଦ୍ରାବାଦରେ ଅନୁଷ୍ଠିତ ଏକ ମେଗା ଓଡ଼ିଶା ନିବେଶକ ରୋଡ ଶୋ'ରେ ୫୦୦ ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଂଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନା ଦ୍ୱାରା ଶିଳ୍ପପତିମାନେ ଓଡ଼ିଶାର ଶିଳ୍ପ ପରିବେଶ, ଭିତ୍ତିଭୂମି ଏବଂ ନୀତି-ଚାଳିତ ଅଭିବୃଦ୍ଧି ମଡେଲ ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ପାଇ ପାରିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ତାଙ୍କର ଦୃଷ୍ଟିକୋଣ ଏବଂ ଉତ୍ପାଦନ ଓ ସେବା କ୍ଷେତ୍ରର ବିକାଶ ପାଇଁ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲାରେ 'ଏଣ୍ଟରପ୍ରାଇଜ୍ ଓଡିଶା' ଅନୁଷ୍ଠିତ ହେବ। ଏହା ସହିତ କଲିକତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ୍ ହେବାର ଯୋଜନା ରହିଛି। ସେ କହିଥିଲେ ଯେ, ଓଡିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍ ରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନ୍ ରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ବହୁତ ପୁରୁଣା ଆଇନ୍, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ, ସେଗୁଡିକ ସଂଶୋଧନ କରାଯାଇ, ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଇ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ। ସେ କହିଥିଲେ ଯେ ଆଗାମୀ ତିନି ମାସରେ ଆମର ମୁଖ୍ୟ ଫୋକସ ହେଉଛି ଯେଉଁ ସବୁ ପ୍ରସ୍ତାବ ଆସିଛି ତାକୁ ଯେପରି ବାସ୍ତବରେ ପରିଣତ କରାଯାଇ ପ୍ରକଳ୍ପ ଗୁଡିକୁ ଗ୍ରାଉଣ୍ଡିଙ୍ଗ କରାଯିବ। ପ୍ରକଳ୍ପ ଗୁଡିକ କ୍ଷୀପ୍ରଗତିରେ କାର୍ଯ୍ୟକାରୀ ହୋଇପାରିଲେ ନିବେଶକ ମାନଙ୍କ ଭରସା ଆହୁରି ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଏହି ଗସ୍ତ ସମୟରେ, ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ହାଇଦ୍ରାବାଦରେ ଥିବା ପ୍ରତିରକ୍ଷା ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଭାରତ ଡାଇନାମିକ୍ସ ଲିମିଟେଡ୍ ମଧ୍ୟ ଗସ୍ତ କରିଥିଲେ। ଭାରତର ପ୍ରତିରକ୍ଷା ଏବଂ ମହାକାଶ ଉତ୍ପାଦନ ଇକୋସିଷ୍ଟମ ସହିତ ଓଡ଼ିଶାର ସମ୍ପର୍କକୁ ଆହୁରି ଗଭୀର କରିବା ଥିଲା ଏହି ଗସ୍ତର ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ମଧ୍ୟ ଡିଫେନ୍ସ ମାନୁଫାକ୍‌ଚରିଂ ଇକୋ-ସିଷ୍ଟମର ବିକାଶ କରାଯିବ। ଏଥିପାଇଁ ଏମଏସଏମଇ, ଷ୍ଟାର୍ଟଅପ୍, ଦକ୍ଷ ମାନବ ସମ୍ବଳ ଓ ପ୍ରିସିସନ୍ ମାନୁଫାକଚରିଂ ଉପରେ ଗୁରୁତ୍ୱ ଦିଆଯିବ। ଓଡିଶାରେ ମିଜାଇଲ୍ କମ୍ପୋନେଣ୍ଟ ନିର୍ମାଣ ଉପରେ ପ୍ରସ୍ତୁତି କରାଯାଉଛି ବୋଲି ସେ କହିଥିଲେ। ଗସ୍ତ ସମୟରେ ତେରଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟେ ଫାଇଲିଂ ମଧ୍ୟ ହୋଇଥିଲା। ଏହାଦ୍ୱାରା ୩୯,୧୩୧ କୋଟିର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି।ମୋଟ ଉପରେ, ହାଇଦ୍ରାବାଦ ରୋଡ ଶୋ' ୬୬,୭୮୧ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ସୃଷ୍ଟି କରିଛି, ଯାହା ୫୬,୩୪୦ ନିଯୁକ୍ତି ସମ୍ଭାବନା ସହିତ ଏହାକୁ ଓଡ଼ିଶା ସରକାରଙ୍କ ନେତୃତ୍ୱରେ ସବୁଠାରୁ ସଫଳ ନିବେଶ ପ୍ରସାର କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ କରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍କର୍ଷ ଓଡିଶା ୨୦୨୫ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪,୩୮,୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ଏହାଦ୍ୱାରା ୨,୫୫,୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ସେ ପୁଣି କହିଥିଲେ ଯେ ଗତ ୧୮ ମାସରେ ୨.୧୦ ଲକ୍ଷ କୋଟି ଟଙ୍କାର ଶିଳ୍ପପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ୧,୬୩,୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ଏହି ସମୟ ମଧ୍ୟରେ ଓଡିଶାରେ ଫାର୍ମା କନ୍‌କ୍ଲେଭ୍, ଟେକ୍ସଟାଇଲ୍ କନ୍‌କ୍ଲେଭ୍ ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିଲ୍ଲୀରେ ଅନୁଷ୍ଠିତ ସେମିକନ୍ କନ୍‌କ୍ଲେଭ୍‌ର ଓଡିଶା ଦୁଇଟି ଏମଓୟୁ କରିଥିଲା। ତେଣୁ, ଶିଳ୍ପାୟନ ପାଇଁ ନିୟମିତ ଭାବରେ ଆମର ଫୋକସ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ଅଂଶଗ୍ରହଣ କରୁଥିବା ଶିଳ୍ପ ନେତାମାନେ ଓଡ଼ିଶାର ସ୍ୱଚ୍ଛ ନୀତି, ଭିତ୍ତିଭୂମିରେ ଉନ୍ନତି, ଦାୟିତ୍ୱବାନ ଶାସନ ଏବଂ ସମସ୍ତ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଂପୃକ୍ତି ଯୋଗୁ ଓଡିଶା ଉପରେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ବୋଲି ମତ ଦେଇଥିଲେ। 'ଯେହେତୁ ସମସ୍ତ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଁ ବ୍ୟକ୍ତିଗତ ଭାବେ ମନିଟରିଂ କରୁଛି, ସେଥିପାଇଁ ଶିଳ୍ପପତିମାନେ ଓଡିଶା ପ୍ରତି ଖୁବ୍ ଉତ୍ସାହିତ ଅଛନ୍ତି'। ନିବେଶକ ମାନେ ବର୍ତ୍ତମାନ ଅନୁଭବ କରୁଛନ୍ତି ଯେ ଓଡିଶା ହେଉଛି ଆଗାମୀ ଦିନର ଭାରତର ଗ୍ରୋଥ୍ ଇଞ୍ଜିନ୍। ଔଷଧ, ପ୍ରତିରକ୍ଷା, ଇଲେକ୍ଟ୍ରୋନିକ୍ସ, ନବୀକରଣୀୟ ଶକ୍ତି, ଆଇଟି, ବୟନଶିଳ୍ପ ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ନିବେଶକ ମାନଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ଏହା ଏକ ବହୁମୁଖୀ, ମୂଲ୍ୟଯୁକ୍ତ ଓ ନିଯୁକ୍ତି-ସୃଷ୍ଟିକାରୀ ଶିଳ୍ପ ଅର୍ଥନୀତି ଆଡ଼କୁ ଓଡ଼ିଶାର ପରିବର୍ତ୍ତନକୁ ପ୍ରତିଫଳିତ କରୁଛି ବୋଲି ସେ କହିଥିଲେ। ଉତ୍କର୍ଷ ଓଡ଼ିଶା ୨୦୨୫ ଗୋଟିଏ ବର୍ଷ ପୂରଣ କରିବାକୁ ନିକଟତର ହେଉଥିବାରୁ ହାଇଦ୍ରାବାଦ ଗସ୍ତର ସଫଳତା ଓଡ଼ିଶାର ଶିଳ୍ପ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି। ଏହି ସମୟ ମଧ୍ୟରେ, ଏହି ପଦକ୍ଷେପ ନିବେଶକଙ୍କ ବିଶ୍ୱାସକୁ ବାସ୍ତବରେ ସୁଦୃଢ଼ କରିପାରିଛି। ନିବେଶ ଆକର୍ଷଣ, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ନିଯୁକ୍ତି ସୃଷ୍ଟିରେ ଅଭିବୃଦ୍ଧି ଏହାର ପ୍ରମାଣ। ସେ କହିଥିଲେ ଯେ, ଶିଳ୍ପ ବିକାଶରେ ଆମର ଅଭିପ୍ରାୟ ବାସ୍ତବରେ ରୂପାନ୍ତରିତ ହେଉଛି। ଏହି ସଫଳତା ହେଉଛି ତା'ର ପ୍ରମାଣ । ଓଡ଼ିଶାର ଅଭିବୃଦ୍ଧିର କାହାଣୀ ଉପରେ ନିବେଶକ ମାନଙ୍କ ବଢୁଥିବା ଆତ୍ମବିଶ୍ୱାସକୁ ଏହା ପ୍ରତିଫଳିତ କରୁଛି। ଏହି ଗସ୍ତର ସାରାଂଶକୁ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପ ଅଭିବୃଦ୍ଧି ପାଇଁ ଓଡ଼ିଶାର ମୂଳମନ୍ତ୍ର ହେଉଛି ଭରସା, ନିରନ୍ତର ପ୍ରୟାସ ଏବଂ ଦୀର୍ଘସ୍ଥାୟୀ ସହଭାଗୀତା। ଏହି ପ୍ରେସ୍ ମିଟ୍ ସମୟରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀନିତ୍ୟାନନ୍ଦ ଗଣ୍ଡ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକଗଣ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଭାରତ-ନ୍ୟୁଜିଲ୍ୟାଣ୍ଡ...

ବିଶେଷକରି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ, ସୁରକ୍ଷାବାଦ ଏବଂ ଶୁଳ୍କ-କେନ୍ଦ୍ରିକ ନୀତି ଉପରେ ଗୁରୁତ୍ୱ ଦେଉଛି, ସେତେବେଳେ ଭାରତର ନୂତନ ଏଫ୍‌ଟିଏ ପାଇଁ ନିରନ୍ତର ପ୍ରୟାସ ବିଶ୍ୱ ବାଣିଜ୍ୟ ପାଇଁ ଏକ ବିକଳ୍ପ ଏବଂ ଖୋଲା ମଡେଲ ପ୍ରଦାନ କରେ। ଭାରତ-ନ୍ୟୁଜିଲ୍ୟାଣ୍ଡ ଏଫ୍‌ଟିଏକୁ ଏହି ଦିଗରେ ଆଉ ଏକ ଦୃଢ଼ ପଦକ୍ଷେପ ଭାବରେ ବିବେଚନା କରାଯାଏ।

## ପ୍ରଦୂଷଣ ସାଙ୍ଗକୁ ...

ସହ ସୁରକ୍ଷିତ ଭାବେ ଜରୁରୀ ଅବତରଣ କରାଇଛନ୍ତି । ଏହି ଏଆଇ ୮୮୭ ବୋଇଂ ବିମାନରେ ପ୍ରାୟ ୩୩୫ ଜଣ ଯାତ୍ରୀ ଓ କର୍ମଚାରୀ ଥିଲେ। ବିମାନଟି ସକାଳ ପ୍ରାୟ ୬ଟା ୩୦ ସମୟରେ ଉଡ଼ାଣ ଭରିବା ପରେ ଦାୟିତ୍ୱରେ ଥିବା କର୍ମଚାରୀ ଦକ୍ଷିଣ ପାଖ ଇଞ୍ଜିନରେ ତ୍ରୁଟି ଲକ୍ଷ୍ୟ କରିଥିଲେ। ଏୟାର ଇଣ୍ଡିଆର ମୁଖପାତ୍ର କହିଛନ୍ତି , ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର୍ ଅନୁଯାୟୀ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବିମାନକୁ ତୁରନ୍ତ ଦିଲ୍ଲୀ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିମାନ ଚଳାଚଳ ମନ୍ତ୍ରଣାଳୟ ଘଟଣାର ତଦନ୍ତ ପାଇଁ ଡିଜିସିଏକୁ ନିର୍ଦ୍ଦେଶ ଦେଇଛି। ଯାତ୍ରୀମାନଙ୍କୁ ମୁମ୍ବାଇ ପଠାଇବା ପାଇଁ ଅନ୍ୟ ବିମାନର ବ୍ୟବସ୍ଥା କରାଯାଇଛି।

# ଜିନ୍ଦଲର ଶିଶୁ ମହୋତ୍ସବ ଆୟୋଜନ ଏବଂ ସ୍ଥାନୀୟ ଚାଷୀମାନଙ୍କୁ ସହାୟତା

**କାଳିଆପାଟି, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ସାମାଜିକ ଦାୟିତ୍ୱ ବିଭାଗ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ମାଧ୍ୟମରେ ଏକ ଶିଶୁ ମହୋତ୍ସବ ସିଙ୍ଗାଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ମାନଙ୍କ ମନରେ ବିଭିନ୍ନ ଖେଳପ୍ରତି ଉତ୍ସାହ ଜନ୍ମେଇବା ଏବଂ ବିଦ୍ୟାଳୟ ପରିବେଶ ସୁରକ୍ଷା କରିବା ପ୍ରତି ଆଗ୍ରହ ଜନ୍ମାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ମହୋତ୍ସବରେ ବିଦ୍ୟାଳୟର ପାଖାପାଖି ୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଆନନ୍ଦଦାୟୀ ଖେଳ, ଯେପରି- ଚାମଚ ବାଟି ଦୌଡ଼, ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ, ଜଳ ସଂରକ୍ଷଣ, ସ୍ୱଚ୍ଛତା ଦୌଡ଼ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କର ଅଭିଭାବକ ମାନେ ଯୋଗ ଦେଇ ଜିନ୍ଦଲ୍ ଷ୍ଟେନଲେସ୍ ଫାଉଣ୍ଡେସନର ଏହି ଅଭିନବ ପ୍ରୟାସକୁ ସାଧୁବାଦ ଜଣେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଅମିତା ପାତ୍ର ଛାତ୍ର ଛାତ୍ରୀ ମାନଙ୍କର ସୁପ୍ତ ପ୍ରତିଭାକୁ ଉଦ୍ରେକ କରେଇବା ପାଇଁ ଜିନ୍ଦଲ୍ ଷ୍ଟେନଲେସ୍ ଫାଉଣ୍ଡେସନ ଙ୍କର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ



ଅନ୍ୟ ସହକାରୀ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକଣ୍ଠ ଦେହୁରୀ ଯୋଗ ଦେଇ ଜିନ୍ଦଲ୍ ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିବା ବେଳେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସିଙ୍ଗାଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଏହିପରି ଶିଶୁ ମହୋତ୍ସବ ପ୍ରଥମ କରି ଆୟୋଜିତ ହୋଇଥିବାରୁ ଗ୍ରାମବାସୀ ବହୁତ ଆନନ୍ଦ ପ୍ରକାଶ କରି ମହୋତ୍ସବରେ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟ ପଟେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ଼ କାଳିଆପାଣି କ୍ରୋମାଇଟ ଖଣି ପକ୍ଷରୁ ସ୍ଥାନୀୟ କାଳିଆପାଣି ଏବଂ ଚିଙ୍ଗୁଡ଼ିପାଳ ଗ୍ରାମର ୨୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଉନ୍ନତମାନର ହାଇବ୍ରିଡ୍ ପରିବା ମଞ୍ଜି, ଜୈବିକ ଖତ, ସାର, କୀଟନାଶକ ଫାନ୍ଦ ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜିନ୍ଦଲ କ୍ରୋମାଇଟ ଖଣିର ପୁନରୁଦ୍ଧାର ପରିଯୋଜନା ଅନ୍ତର୍ଗତ ବିଭିନ୍ନ କାଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ଉପସ୍ଥିତ ଚାଷୀମାନଙ୍କୁ ବିଭିନ୍ନ କୃଷି ଉପକରଣ ବିହନ, ଜୈବିକ ଖତ ବଣ୍ଟନ ପୂର୍ବରୁ ଉନ୍ନତ ଚାଷ ପ୍ରଣାଳୀ ତଥା ରୋଗପୋକ ନିୟନ୍ତ୍ରଣ, କୁକୁଡ଼ା ପାଳନ ଇତ୍ୟାଦି ଉପରେ ଦୁଇ ଦିନ ଧରି କର୍ମଶାଳା ଆୟୋଜନ କରାଯାଇଥିଲା । ସେହିପରି କୁକୁଡ଼ା ଚାଷୀମାନଙ୍କୁ ହାଇବ୍ରିଡ୍ 'ବନରାଜ' କୁକୁଡ଼ାର ସାବକ ଚାଷୀପିଛା ପାଞ୍ଚଟି ଲେଖାଏଁ ସର୍ବମୋଟ ୭୦ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ତଥା ଛତୁ ଚାଷୀମାନଙ୍କୁ ଉନ୍ନତମାନର ପାଳ ଛତୁ ମଞ୍ଜି ସହିତ ଛତୁ ବେଡ଼, ପଲିଥିନ୍, ପାଣି ଛିଞ୍ଚନ ଯନ୍ତ୍ର ଆଦି ଯୋଗାଇ ଦିଆଯିବା ସହ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଭୋଜନ ଓ ପାନୀୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ଗତ ଶୁକ୍ରବାର ଏବଂ ଶନିବାର ଦୁଇ ଦିନ ଧରି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱୟ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ ର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଓ ଖଣି ପ୍ରବନ୍ଧକ ସକ୍ତି ପ୍ରସାଦ ବିଶ୍ୱାଳ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଥା କ୍ରମେ ଗ୍ରୀନ ଡ୍ରିମ ଫାଉଣ୍ଡେସନ ଏବଂ ମହାଶକ୍ତି ଫାଉଣ୍ଡେଶନ ଦ୍ୱାରା ପରିଚାଳନା କରାଯାଇଥିଲା । ଏହା ସହିତ କମ୍ପାନୀର ବିଭିନ୍ନ ବିଭାଗ ର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀ ସଦସ୍ୟ ଓ ସ୍ଥାନୀୟ ନେତୃବୃନ୍ଦ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମଟି ସୁଚାରୁରୂପେ ଶୃଙ୍ଖଳିତ ଭାବେ ସମ୍ପାଦନ ହେବା ପାଇଁ ଉପସ୍ଥିତ ରହି ସହଯୋଗ ର ହାତ ବଢାଇଥିଲେ।

# ଗଜପତି ମହାରାଜଙ୍କ ବୟାନ : ଅଦିନିଆ ରଥଯାତ୍ରା ଏକ ଭୟଙ୍କର ବ୍ୟତିକ୍ରମକୁ ଆମ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ଶତ ପ୍ରତିଶତ ସମର୍ଥନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂଜ୍ୟ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ଦେଇଥିବା ବୟାନ ଅନୁସାରେ 'ଅଦିନିଆ ରଥ ଯାତ୍ରା ଏକ ଭୟଙ୍କର ବ୍ୟତିକ୍ରମ' ଏହା ଶ୍ରୀଜଗନ୍ନାଥ ସଂସ୍କୃତି ବିରୁଦ୍ଧରେ ଏକ ଅପପ୍ରଚାର ଓ ଅବମାନନା ଅଟେ, ଏହି ଉକ୍ତିକୁ ଆମେ ପୂର୍ଣ୍ଣ ସମର୍ଥନ ଜଣାଉଛି । ଆମର ମତ ମନ୍ଦିର ପ୍ରଶାସନ ଓ ଓଡ଼ିଶା ସରକାର ଏହା ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହି ଅବସରରେ ଆମେ ଓଡ଼ିଶାବାସୀ ତଥା ବିଶ୍ୱରେ ଥିବା ସମସ୍ତ ଜଗନ୍ନାଥ ଭକ୍ତ ପ୍ରେମୀମାନଙ୍କୁ ଓ ଜଗନ୍ନାଥ ସଂସ୍କୃତି ପାଇଁ ଯେଉଁ ଯେଉଁ ଅନୁଷ୍ଠାନ କାମ କରୁଛନ୍ତି ସମସ୍ତେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଅନୁରୋଧ କରୁଅଛୁ। ଶ୍ରୀଜଗନ୍ନାଥ ହିଁ ଶ୍ରୀହରି, ଶ୍ରୀରାମ, ଶ୍ରୀକୃଷ୍ଣ ଓ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ସ୍ରଷ୍ଟା ଦ୍ୱାରା ସୃଷ୍ଟି ମଣିଷ ଓ ଅନୁଷ୍ଠାନ । କିପରି ଈଶ୍ୱରଙ୍କ ବିଷୟରେ ଏପରି କାର୍ଯ୍ୟ କରୁଛନ୍ତି ଏବଂ ଈଶ୍ୱରଙ୍କ ସ୍ଥାନ ପରିବର୍ତ୍ତନ କି ପୋଷ୍ଟର ଛାଡୁଛନ୍ତି। ଏହା ଦ୍ୱାରା ଜଗତକୁ ଘୋର ଅନ୍ଧକାର ଭିତରକୁ ଇସ୍କନ ଟାଣି ନେଉଛି। ପୂର୍ବରୁ ମହାନ ଆଚାର୍ଯ୍ୟ ଓ ଭକ୍ତମାନେ ଏହି ବିଶୃଙ୍ଖଳା ଘଟିବ ବୋଲି ଆଶଙ୍କା କରି ଚୌଶଠୀ ପଟଲ, ଭୀମ ଭୋଇ ଚଉତିଶା ଓ ଭାଗବତରେ ଏହି କଳି ଯୁଗରେ ଘୋର ଦୁର୍ଦ୍ଦିନ ଆସିବ ବୋଲି ଲେଖିଯାଇଛନ୍ତି । ଏକତା ହିଁ ବଳ, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା ଆମ ପାଇଁ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ।

# ୨୪ ନୂଆ ଏନଏସି ଓ ୫ ମ୍ୟୁନିସିପାଲଟି ପାଇଁ ବିଜ୍ଞପ୍ତି ପ୍ରକାଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ୨୪ ନୂଆ ଏନଏସି ଓ ୫ ମ୍ୟୁନିସିପାଲଟି ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କଲେ ରାଜ୍ୟ ସରକାର। ପାଲଲହଡା, ସିମୁଳିଆ, ସୋହେଲା, ତିହିଡି, ଧୂଷୁରୀ, ସାଲେପୁର, ବଡମ୍ବା, ନରସିଂହପୁର, ଗନ୍ଦିଆଁ, ଜଗନ୍ନାଥପ୍ରସାଦ, ପ୍ରାତପୁର, ନର୍ଲା, ଜୟପାଟଣା, ଟାଙ୍ଗୀ, ବୋରିଗୁମ୍ମା, ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡା, କପ୍ତିପଦା, ରାସଗୋବିନ୍ଦପୁର, ବିଷମକଟକ, ବାମରା, ରେଙ୍ଗାଲୀ, ବୀରମହାରାଜପୁର ନୂଆ ଏନଏସି ହେବ। ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ୫ ନୂଆ ମ୍ୟୁନିସିପାଲଟି ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, କବିସୂର୍ଯ୍ୟନଗର, ପୋଲସରା ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ନୂଆ ମ୍ୟୁନିସିପାଲଟି ପାଇଁ ଚୁଡାନ୍ତ ବିଜ୍ଞପ୍ତି ରାଜ୍ୟ ସରକାର ପ୍ରକାଶ କରିଛନ୍ତି ।

# ରାଜ୍ୟର ଚାଷୀଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାରେ ଲଢେଇ କରିବ ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚାଷୀଙ୍କ ସମସ୍ୟା ନେଇ ସରକାରଙ୍କୁ ନିଶାନା କରିଛନ୍ତି ବିଜେଡି ଉପସଭାପତି ସଂଜୟ ଦାସବର୍ମା। ପଶ୍ଚିମ ଓଡ଼ିଶାରେ ବର୍ତ୍ତମାନ ଭୟଙ୍କର ସ୍ଥିତି । ପ୍ରଥମ ଥର ପାଇଁ ଚାଷୀ ଧାରଣାରେ ବସିଛନ୍ତି ଭାଲିଡ ଟୋକନ ପାଇଁ । ଏପଟେ କେନ୍ଦ୍ର ସରକାର ଦେଉଥିବା ୭୯ ଟଙ୍କା ଏମଏସପି ରାଜ୍ୟର ଚାଷୀ ପାଇଲେ ନାହିଁ । ୨୦୨୪-୨୫ରେ ୨୦ ପ୍ରତିଶତ ଧାନ ସଂଗ୍ରହ ବାକି ରହିଛି। ଧାନ ସଂଗ୍ରହରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ବୋଲି କହି ବର୍ଷିଛନ୍ତି ବିଜେଡି ଉପସଭାପତି ସଂଜୟ ଦାସବର୍ମା। । ସାଟେଲାଇଟ ସର୍ଭେ ମାଧ୍ୟମରେ ଧାନ ଚାଷ ହୋଇଥିବା ସ୍ଥାନକୁ ମଧ୍ୟ କାଟି ଦିଆଯାଉଛି। ମୁଖ୍ୟମନ୍ତ୍ରୀ ଓ ସମ୍ପୃକ୍ତ ୩ ବିଭାଗକୁ ଡାକି ସମାଧାନ କରିବା ଉଚିତ। ସଂଜୟ ଦାସବର୍ମା କହିଛନ୍ତି ସବୁଠାରୁ ଯନ୍ତ୍ରଣା ଦାୟିତ୍ୱ ମନ୍ତ୍ରୀଙ୍କ ବୟାନ। କିଭଳି ଧାନ ସଂଗ୍ରହ ହେବ ସେଥିପାଇଁ ଧ୍ୟାନ ଦିଅନ୍ତୁ।

# ନୀଳାଦ୍ରିବିହାରରେ ସାଧରଣତ ପ୍ରଶାସନ ବିଭାଗର ବହୁ ମୂଲ୍ୟବାନ ଖାଲିଥିବା ପ୍ଲଟ ଜବରଦଖଲ ଓ ନିକଟରେ ବାସ କରୁଥିବା ଲୋକଙ୍କ ଦୁର୍ଦ୍ଦଶା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚନ୍ଦ୍ରଶେଖରପୁର ସ୍ଥିତ ନୀଳାଦ୍ରି ବିହାରଠାରେ ଖାଲିଥିବା ସାଧାରଣ ପ୍ରଶାସନ ବିଭାଗ ପ୍ଲଟନଂ-ଜିଏ-୦୨ ଏବଂ ଜିଏ-୦୩ରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଦୀର୍ଘଦିନ ହେବ ବେନିୟମ ଭାବେ ଜବରଦଖଲ କରି ଇଟା, ବାଲି, ଗୋଡ଼ି ଓ ବଜୁରୀ ଆଦି ବ୍ୟବସାୟ କରିଆସୁଛନ୍ତି । ରାତ୍ରି ସମୟରେ ବଡ଼ ବଡ଼ ହାଓ୍ୱାଇ ଟ୍ରକ ଯୋଗେ ମାଲ ପରିବହନ କରି ଏଠାକୁ ଅଣାଯାଏ। ଏହି ମାଲଗୁଡ଼ିକୁ ଢାଳିବା ସମୟରେ ପ୍ରବଳ ମାତ୍ରାରେ ଧୂଳି ଚତୁଃପାର୍ଶ୍ୱ ବ୍ୟାପିବା ସହିତ ବିକଟାଳ ଶବ୍ଦ ହେବାସହ ନିକଟରେ ଥିବା ଘରଗୁଡ଼ିକ ଥରିଉଠୁଛି। ଦିନ ସମୟରେ ଛୋଟ ଟ୍ରକ ଓ ଟ୍ରାକ୍ଟର ସାହାଯ୍ୟରେ ବିଭିନ୍ନ ଯାଗାକୁ ମାଲ ପଠାଯାଏ ଓ ପରିବହନ ସମୟରେ ଯାନ ଉପରେ କୌଣସି ଘୋଡ଼ଣି ମଧ୍ୟ ନଥାଏ। ଫଳରେ ପ୍ରବଳ ବାୟୁ ତଥା ଶବ୍ଦ ପ୍ରଦୁଷଣ ହେବାଦ୍ୱାରା ଏଠାରେ ବାସ କରୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଶ୍ୱାସଜନିତ ରୋଗରେ ଅନେକ ମଧ୍ୟ ପୀଡ଼ିତ। ଏପରିକି ରାତ୍ରି ସମୟରେ ଟିକେ ସୁଖରେ ନିଦ୍ରା ଯାଇପାରନ୍ତି ନାହିଁ। ପୂର୍ତ୍ତବିଭାଗ ରାସ୍ତା କଥା କହିଲେ ନସରେ। ନିକଟରେ ଥିବା କିଛି ଘର ଫାଟି ଆଁ କରିଛି। ଏହା ଏକ ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ଆବାସିକ ଅଞ୍ଚଳ। ପ୍ରତ୍ୟେକ ଘରେ ବରିଷ୍ଠ ନାଗରିକମାନେ ବାସ କରିଥାନ୍ତି। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମହାନଗର ନିଗମର ବରିଷ୍ଠ ଅଧିକାରୀଙ୍କ ନିକଟରେ ଲିଖିତ ତଥା ମୌଖିକ ଭାବେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ନାହିଁ। କେଉଁ ପ୍ରକାର ଚାପ ପ୍ରୟୋଗ କରି ସମ୍ପୃକ୍ତ ବ୍ୟକ୍ତି କର୍ତ୍ତୃପକ୍ଷଙ୍କ ପାଟ ବନ୍ଦି କରିଦେଇ ଅନାୟସରେ ବେନିୟମ ଭାବେ ଏହି ବ୍ୟବସାୟ ଜାରି ରଖିଛନ୍ତି ତାହା ନିରପେକ୍ଷ ତଦନ୍ତସାପେକ୍ଷ। ତଦନ୍ତ ହେଲେ ଆଢୁଆଳରେ ରହିଯାଇଥିବା ବହୁତ କିଛି କଥା ଲୋକଲୋଚନକୁ ଆସିବ। ତେଣୁ ଏଠାରେ ବାସ କରୁଥିବା ଲୋକମାନଙ୍କ ଭିତରେ ଆନ୍ଦୋଳନର ଦାନା ଘନିଭୂତ ହେବାରେ ଲାଗିଛି। ଲୋକପ୍ରିୟ ସରକାର ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
TELENGIRI CANAL DIVISION, AMBAGUDA, DIST: KORAPUT.
Email:setcdambaguda@gmail.com
A-1182

**e- Procurement Notice**

**Bid Identification No. SE-TCD-03/2025-26 Dated 20.12.2025**

Bid Documents consisting of work, Estimated Cost, Cost of bid document, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Works
2. No. of Works : 01 No
3. Estimated Cost : 9.25 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of 24.12.2025 Up to 17.30 hours of 05.01.2026
6. Last date & time for receipt of bids in portal : 05.01.2026 up to 17.30 hours.
7. Bids received online shall be opened on : 12.30 hours of 06.01.2026
8. Name and address of the officer inviting Bid : Superintending Engineer,Telengiri Canal Division,Ambaguda ,

Further details can be seen from the www.tendersodisha.gov.in.
Addendum/Corrigendum/cancellation it any required will be published in Govt. website only.

Sd/- Superintending Engineer,
Telengiri Canal Division, Ambaguda
OIPR-32434/11/0009/2526

GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDB-10/2025-26
A-1169

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDB-10/2025-26
5. Estimated Cost : Rs. 21,53,299.00
6. Period of Completion : 45 calendar days.
7. Date & time of availability of bid documents in the Portal : From dt.24.12.2025 (10.00 AM) to dt.07.01.2026(5.30 PM)
8. Last date/ time for receipt of bid In the Portal : dt.07.01.2026 (up to 5.30 PM)
9. Date and Place of opening of Bid : dt.08.01.2026 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar
OIPR-32520/11/0106/2526

GOVERNMENT OF ODISHA
e-Procurement Notice, ANGUL (R&B) DIVISION
Bid Identification No.49 of 2025-26
e-mail ID- angulrbdivision@yahoo.co.in
B-861

1. Number of Works : 01 (One) number of electrical work
2. Approximate estimated cost : Rs.21.32 lakh
3. Period of completion : 02 (Two) Calendar months
4. Date & Time of availability of bid document In the portal : **Dt. 23.12.2025 at 10.00 A.M.**
5. Last date / Time for receipt of bid in the portal : **Dt. 29.12.2025 up to 5.00 P.M.**
6. Date of opening Bid : **Dt. 30.12.2025 at 11.00 A.M.**
7. Name and address of the Office Inviting Bid : **Superintending Engineer, Angul (R&B) bivision, Angul**
8. The bidders must participate in **ONLINE** bidding only.
Further details can be seen from the e-procurement portal https:/tendersodisha.gov.in

Sd/- Superintending Engineer
Angul (R&B) Division
OIPR-34074/11/0038/2526

ଭୁବନେଶ୍ୱର
୨୩ ଡିସେମ୍ବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ଜୟଦେବ ଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବିଶ୍ୱମୁକ୍ତିଙ୍କ ମିଳିତ ଆନୁକୂଲ୍ୟରେ ମହାପାତ୍ର ନିଳମଣୀ ସାହୁଙ୍କ ସ୍ମୃତି ସଭାକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ମୁଖ୍ୟ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ। ନିକଟରେ ଉପସ୍ଥିତ ଅଛନ୍ତି ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଫେସର ଦାଶ ବେନହୁର, ବିଶିଷ୍ଟ ଲେଖିକା ଡ. ଅର୍ଚ୍ଚନା ନାୟକ ଏବଂ ବିଶିଷ୍ଟ କବି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ। (ଫଟୋ : ସମ୍ବାଦ କଳିକା)

### ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ

# ନୋ ଫ୍ଲାଇଙ୍ଗ ଜୋନ୍‌ରେ ଉଡ଼ିଲା ଡ୍ରୋନ୍

**ପୁରୀ,୨୨/୧୨ ନ୍ୟୁଜ ବ୍ୟୁରୋ**



ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ। ଡ୍ରୋନ୍ ଦ୍ୱାରା ନିଆଯାଇଥିବା ଶ୍ରୀମନ୍ଦିରର ଫଟୋ ହୋଇଛି ଭାଇରାଲ। ତେବେ ଫେସ୍‌ବୁକରେ ଏକ୍ସପ୍ଲୋର ଇଣ୍ଡିଆ ନାମକ ଏକ ସଂସ୍ଥା ଛାଡ଼ିଛି ଏହି ଫଟୋ । ଫେସବୁକରେ ଅପଲୋଡ ହୋଇଥିବା ଏହି ଫଟୋକୁ ଅନେକ ଲୋକ ସେୟାର ଏବଂ ରିପୋଷ୍ଟ ମଧ୍ୟ କରିଛନ୍ତି । ତେବେ ଶ୍ରୀମନ୍ଦିର ଉପରୁ ଡ୍ରୋନ୍ ମାଧ୍ୟମରେ ଏହି ଫଟୋ କିଭଳି ନିଆଗଲା ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଫଟୋରେ କୁରମ ବେଢା ଭିତରେ ଥିବା ବଡ଼ଦେଉଳ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ଦେଖାଯାଉଛି। ମେଘନାଦ ପାଚେରୀ ଭିତରେ ଥିବା ଅନ୍ୟାନ୍ୟ ଐତିହ୍ୟ ଓ ମନ୍ଦିର ମଧ୍ୟ ଫଟୋରେ ଦେଖାଯାଉଛି। ଶ୍ରୀମନ୍ଦିର ଉପରେ ନୋ ଫ୍ଲାଇଙ୍ଗ ଜୋନ୍ କରାଯାଇଥିବାବେଳେ ଡ୍ରୋନ୍ ମାଧ୍ୟମରେ ଶ୍ରୀମନ୍ଦିର ଉପରୁ ଫଟୋ ଓ ଭିଡିଓ କିଭଳି ଉତ୍ତୋଳନ କରାଗଲା ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଡଃ ପ୍ରଦୀପ ସାମନ୍ତରାୟଙ୍କ ଅକାଳ ବିୟୋଗ



**ଭୁବନେଶ୍ୱର, ୨୨/୧୨**
**ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ର ପୂର୍ବତନ ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡଃ ପ୍ରଦୀପ ସାମନ୍ତରାୟଙ୍କର ଗତ ୨୧ ତାରିଖରେ ସମ ଅଲ୍‌ଟିମେଟ୍ ହସ୍ପିଟାଲରେ ୬୪ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ସେ ଗତ କିଛି ଦିନ ଧରି ଖାଦ୍ୟନଳୀ ଜନିତ ରୋଗରେ ଅସ୍ତ୍ରୋପଚାର କରି ସୁସ୍ଥ ହେଇ ଆସୁଥିବା ବେଳେ ତାଙ୍କର ବିୟୋଗ ଘଟିଥିଲା। ସେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଗତ ୨୦୨୨ ମସିହା ଅଗଷ୍ଟ ମାସରେ ଅବସର ଗ୍ରହଣ କରିଥିଲେ। କାର୍ଯ୍ୟକାଳ ଭିତରେ ସେ ଛାତ୍ର ଛାତ୍ରୀଙ୍କୁ ନିଜ ସନ୍ତାନ ଭଳି ଭଲ ପାଉଥିଲେ। ଅତ୍ୟନ୍ତ ବନ୍ଧୁ ବତ୍ସଳ, ସ୍ନେହୀ, ପରୋପକାରୀ, ଅମାୟିକ ତଥା ଦୟାବାନ ଅଧ୍ୟାପକ ଭାବେ ପରିଚିତ ଓ ପ୍ରସିଦ୍ଧ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ତାଙ୍କ ସହଧର୍ମିଣୀ ଅଲକାନନ୍ଦା ସାମନ୍ତରାୟ, ତାଙ୍କ ଏକମାତ୍ର ପୁତ୍ର ଓ ଅନ୍ୟ ସମସ୍ତ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ତାଙ୍କ ବନ୍ଧୁ, ସହକର୍ମୀ ତଥା ପଡୋଶୀଙ୍କ ମହଲରେ ଶୋକର ଛାୟା ଖେଳାଇ ଦେଇଛି।

## 'ସମ୍ବାଦ କଳିକା' ସମ୍ପାଦକଙ୍କ ଶୋକ

**ଭୁବନେଶ୍ୱର, ୨୨/୧୨**
**ନ୍ୟୁଜ ବ୍ୟୁରୋ**

ପ୍ରଦୀପ ସାମନ୍ତରାୟଙ୍କ ଅକାଳ ବିୟୋଗରେ 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ରାୟ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ପ୍ରଦୀପ ମୋର ବାଲ୍ୟବନ୍ଧୁ ଥିଲା। ସେ ଏତେ ଶୀଘ୍ର ଆମମାନଙ୍କୁ ଏକା କରି ଚାଲିଯିବ ମୁଁ କଳ୍ପନା ସୁଦ୍ଧା କରିନଥିଲି। ତା'ଦେହ ଖରାପ ଥିବା କଥା ଶୁଣିଥିଲି, ମାତ୍ର ସେ ସୁସ୍ଥ ହୋଇ ଆସୁଥିବାର ଶୁଣି ମନରେ ଅନେକ ଆଶା ଜାଗିଥିଲା। ସେ ଅତ୍ୟନ୍ତ ମେଳାପି ଏବଂ ବନ୍ଧୁବତ୍ସଳ ଥିଲା ଓ ଅନ୍ୟକୁ ସାହାଯ୍ୟ କରିବା ପାଇଁ ସଦା ଆଗଭର ହେଉଥିଲା। ମୋର ଜାଣିବାରେ ଅନେକ ଅଭାବୀ ଛାତ୍ରଛାତ୍ରୀଙ୍କୁ ସେ ଅକାତରେ ସାହାଯ୍ୟ ଓ ସହଯୋଗ କରୁଥିଲା। ସେ ମଧ୍ୟ ଦାୟିତ୍ୱବାନ ଥିଲା ଓ ସମସ୍ତ ସଭା, ସମିତିକୁ ଦକ୍ଷତାର ସହ ପରିଚାଳନା କରୁଥିଲା। ତା'ର ହସ ହସ ମୁହଁ ଦେଖିଲେ ସବୁ ଦୁଃଖ ଭୁଲି ହୋଇଯାଉଥିଲା। ଏଭଳି ବନ୍ଧୁକୁ ଅକାଳରେ ହରାଇ ମୁଁ ଅତ୍ୟନ୍ତ ମର୍ମାହତ। ଭଗବାନ ତା' ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ଏବଂ ତା' ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଗଭୀର ଦୁଃଖ ସହିବାପାଇଁ ଧୈର୍ଯ୍ୟ ଦିଅନ୍ତୁ ବୋଲି ଶ୍ରୀ ରାୟ ତାଙ୍କ ଶୋକ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

# କିସ୍ ପିଲାଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେବା ବରଦାସ୍ତ କରିବୁ ନାହିଁ: ଅଭିଭାବକ ସଂଘ

**ଭୁବନେଶ୍ୱର, ୨୨।୧୨**
**ନ୍ୟୁଜ ବ୍ୟୁରୋ**



କିସ୍‌ରେ ଘଟିଯାଇଥିବା ଅଭାବନୀୟ ଘଟଣା ପରିପ୍ରେକ୍ଷୀରେ କିସ୍ ଆଦିବାସୀ ଅଭିଭାବକ ସଂଘ (କାପା) ପକ୍ଷରୁ ଜାରି ହୋଇଥିବା ଏକ ପ୍ରେସ ରିଲିଜରେ କୁହାଯାଇଛି ଯେ ଏହି ଘଟଣାରେ ପୋଲିସ୍ ଓ ପ୍ରଶାସନ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ଏଥିରେ ଆମ ସଂଘର କିଛି କହିବାର ନାହିଁ କିମ୍ବା କରିବାର ନାହିଁ। କିନ୍ତୁ ଏକ ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ୍ ସୁଚିନ୍ତିତ ଓ ସୁପରିକଳ୍ପିତ ଭାବେ କିସ୍‌କୁ ବନ୍ଦ କରିବା ସହ ଆମ ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେବା ପାଇଁ ଯେଉଁ ଷଡ଼ଯନ୍ତ୍ର ଚଳାଇଛି ସେ ନେଇ ଆମେ ରାଜ୍ୟବ୍ୟାପୀ ଏହି ଟିଭି ଚ୍ୟାନେଲ୍ ବିରୋଧରେ ଆନ୍ଦୋଳନ କରିବା ସହ ୮ଲକ୍ଷ ଜନଜାତି ପରିବାର ଏହି ଟିଭି ଦେଖିବା ବନ୍ଦ କରିବୁ। ଆବଶ୍ୟକ ହେଲେ ଏହି ଟିଭି ଚ୍ୟାନେଲ୍ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହି ଚ୍ୟାନେଲ୍‌ର ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଥିବା ରିପୋର୍ଟରଙ୍କୁ ଦୃଢ଼ ବିରୋଧ କରିବୁ ବୋଲି କାପା ପକ୍ଷରୁ ଚେତାଇ ଦିଆଯାଇଛି। ସଂଘର ସଭାପତି ରାମ ଶବର ଓ ସମ୍ପାଦକ ଲମ୍ବୋଦର ସିଂହ କହିଛନ୍ତି, କିସ୍ ହେଉଛି ଜନଜାତିଙ୍କ ବିକାଶର ମାର୍ଗ। କିସ୍‌ରୁ ପାଠପଢ଼ି ୪୦ ହଜାର ଆଦିବାସୀ ପିଲା ବିଭିନ୍ନ କ୍ଷେତ୍ରରେ ଆର୍ଥିକ ଓ ସାମାଜିକ ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି।

ଏବେ ଏଠାରେ ପ୍ରାୟ ୪୦ ହଜାର ପିଲା ପାଠ ପଢ଼ୁଛନ୍ତି। ଆମ ପିଲାମାନେ ଏଠାରେ ଶାନ୍ତି ଶୃଙ୍ଖଳାରେ ରହି ଶିକ୍ଷାଲାଭ କରୁଛନ୍ତି। ଏହି ଛାତ୍ରଛାତ୍ରୀକୁ ସଂପୃକ୍ତ ଚ୍ୟାନେଲ୍ ଅସ୍ତବ୍ୟସ୍ତ କରିଦେଲାଣି। ସେମାନଙ୍କୁ ଟିଭି ପ୍ରସାରଣ ମାଧ୍ୟମରେ ମାନସିକ ନିର୍ଯାତନା ଦେଇ ଆସୁଛି। ଗତ ୧୦ ଦିନ ହେଲା କିସ୍‌କୁ ବଦନାମ କରିବା ପାଇଁ ଲାଗି ପଡ଼ିଛି। ଏପରିକି କିସ୍‌ର ଦୈନନ୍ଦିନ କାର୍ଯ୍ୟରେ ଜଡ଼ିତ ନଥିବା ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ବ୍ୟକ୍ତିଗତ ଚରିତ୍ର ସଂହାର କରିଚାଲିଛି। କୌଣସି ସଭ୍ୟ ସମାଜରେ ଏଭଳି ଅସଭ୍ୟ ଟିଭି ଚ୍ୟାନେଲ୍ ଦେଖାଯାଏ ନାହିଁ। ଗୋଟିଏ ଅଭାବନୀୟ ଘଟଣାକୁ ବାହାନା କରି କିସ୍ ବିରୋଧରେ ନାନାଦି ମିଛ ଖବରର ପାହାଡ଼ ସୃଷ୍ଟିକରି କୁତ୍ସାରଟନା କରିଚାଲିଛି।

ଆଦିବାସୀମାନେ ପାଠ ପଢ଼ି ମଣିଷ ହେବା କ'ଣ ଭୁଲ? ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଯେଉଁ ବ୍ୟକ୍ତି ଆଣୁଛନ୍ତି ସେ କ'ଣ ଭୁଲ କି ବୋଲି କାପା ପ୍ରଶ୍ନ କରିଛି। ଏ ନେଇ କାପା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କିଟ୍ ଓ କିସ୍‌ରେ ପାଠ ପଢ଼ୁଥିବା ସେମାନଙ୍କ ପିଲାଙ୍କୁ ସୁରକ୍ଷା ଦେବା ପାଇଁ ସେମାନେ ନିବେଦନ କରିଛନ୍ତି। କିସ୍ ବିରୋଧରେ ଏଭଳି ବିଭ୍ରାନ୍ତିକର, ଅମୂଳକ, ମିଥ୍ୟା, ମନଗଢ଼ା ଓ ଉଦ୍ଦେଶ୍ୟ ପ୍ରଣୋଦିତ ଖବର ପ୍ରସାରଣରୁ ଏହି ଟିଭି ଚ୍ୟାନେଲ୍ କ୍ଷାନ୍ତ ନ ରହିଲେ ଆସନ୍ତା ଦିନରେ ସେମାନେ ସମ୍ପୃକ୍ତ ଟିଭି ଚ୍ୟାନେଲ୍ ଅଫିସ୍ ସମ୍ମୁଖରେ ଧାରଣା ଦେବା ସହ କିସ୍‌ରେ ପଢ଼ୁଥିବା ସେମାନଙ୍କ ପିଲାମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଆଇନର ଆଶ୍ରୟ ନେବା ସହ ୩୦ ଜିଲ୍ଲାରେ ସମ୍ପୃକ୍ତ ଟିଭି ଚ୍ୟାନେଲ୍ ବିରୋଧରେ ଆନ୍ଦୋଳନ କରିବେ ବୋଲି ଚେତାଇ ଦେଇଛନ୍ତି।

ସୋମବାର କିସ୍ ଆଦିବାସୀ ଅଭିଭାବକ ସଂଘ ପକ୍ଷରୁ ଭୁବନେଶ୍ୱରରେ ଏକ ବୈଠକ କରାଯାଇଥିଲା। ଏଥିରେ ପ୍ରତ୍ୟେକ ଜିଲ୍ଲାରୁ କାପାର ଜିଲ୍ଲା କର୍ମକର୍ତ୍ତା, ଅଭିଭାବକ ସଂଘ ପ୍ରତିନିଧି ଓ ରାଜ୍ୟ ପ୍ରତିନିଧିଙ୍କୁ ମିଶାଇ ୫ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ।


